
ସକାଳ THE SAKALA



## ବିଶ୍ୱାସରେ ବିଷ ଦେଲା ପ୍ରେମିକ

# ଯୁବତୀଙ୍କୁ ଅପହରଣ ପରେ ହତ୍ୟା ଅଭିଯୋଗ

**ରାଉରକେଲା, ୧୨।୧(ସମିସ):** ଇନ୍‌ଷ୍ଟାଗ୍ରାମରେ ପ୍ରେମ। ଏହାପରେ ଅପହରଣ ଏବଂ ଲିଭ୍‌ଇନ୍ ରିଲେସନ୍‌ଶିପ୍ ପରେ ଯୁବତୀକୁ ହତ୍ୟା। ଏପରି ସଙ୍ଗୀନ ଅଭିଯୋଗ ଆସିଛି



ବିଶ୍ରା ଥାନା ଅଞ୍ଚଳରୁ। ରାଉରକେଲା ମହତାବ ରୋଡ୍ ଅଞ୍ଚଳର ଜଣେ ବିବାହିତା ଯୁବତୀଙ୍କୁ ଇନ୍‌ଷ୍ଟାଗ୍ରାମରେ ପ୍ରେମ ନିବେଦନ କରି ଜାଲରେ ଫସାଇ ବିଶ୍ରା ଅଞ୍ଚଳର ଜଣେ ଯୁବକ ଅପହରଣ କରିବା ଏବଂ ୨୦ ଦିନ ଧରି ଲିଭିଇନ ରିଲେସନଶିପରେ ରଖି ହତ୍ୟା କରିବା ଭଳି ଅଭିଯୋଗ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଯୁବକ ଅଟକ**

ସୂଚନାଯୋଗ୍ୟ ଯେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବ ରୋଡସ୍ଥିତ ଧୋବିଘାଟ ନିବାସୀ ସଞ୍ଜୟ ରାମଙ୍କ ଝିଅ ମଧୁଙ୍କ ସହ ବିଶ୍ରା ଥାନା ଅଞ୍ଚଳର ମହମ୍ମଦ ଅୟାନ୍ ଓରଫ୍ ସାହିଲ ଇନ୍‌ଷ୍ଟାଗ୍ରାମରେ ବନ୍ଧୁତା ସ୍ଥାପନ କରି ପ୍ରେମ ଜାଲରେ ଫସାଇଥିଲା। ଏହାପରେ ତାକୁ ଗତ ୨୦ ଦିନ ପୂର୍ବେ ଡାକି ସାଙ୍ଗରେ ବିଶ୍ରା ନେଇ ଯାଇଥିଲା। ୨୦ଦିନ ଧରି ସେମାନେ ସାଙ୍ଗରେ ରହିଥିଲେ। ପରେ ମଧୁର ମୃତଦେହ ସନ୍ଦେହଜନକ ଅବସ୍ଥାରେ ବିଶ୍ରାସ୍ଥିତ ଆୟାନର ଘରେ ମିଳିଥିଲା। ମଧୁକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ମଧୁର ପରିବାର ଅଭିଯୋଗ କରିଛନ୍ତି। ମଧୁର ପିତା ସଞ୍ଜୟ ରାମ ବିଶ୍ରା ଥାନାରେ ଏତଲା ଦେବାପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଅଭିଯୁକ୍ତ ମହମ୍ମଦ ଆୟାନକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମଧୁ ବିବାହିତା ଥିବା ସହ ତା'ର ୫ ବର୍ଷର ଏକ ଶିଶୁ କନ୍ୟା ବି ଅଛି। ମଧୁର ସ୍ୱାମୀ ମୁମ୍ବାଇ କାମ କରିବାକୁ ଯାଇଛନ୍ତି। ମଧୁକୁ ଅପହରଣ ପରେ ତାର ପିତାମାତା ବିଶ୍ରାସ୍ଥିତ ଆୟାନ ଘରକୁ ଯାଇଥିଲେ ମଧ୍ୟ ସେମାନେ ମଧୁସହ ଭେଟ କରିବାକୁ ଦେଇ ନ ଥିଲେ। ।ତାକୁ ହତ୍ୟା କରିବା ପରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା ରୂପ ଦିଆଯାଇଥିବା ମଧୁର ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଗାନ୍ଧିରୋଡ୍‌ରେ ଜବରଦଖଲ ଉଚ୍ଛେଦ ମାମଲା

# ରାତିରେ ପଡ଼ିଲା କଂକ୍ରିଟ୍ ଛାତ; ଜଳକା ଆର୍‌ଏମ୍‌ସି ଅଧିକାରୀ

**ରାଉରକେଲା, ୧୨।୧(ସମିସ)**





ସ୍ଥାନୀୟ ରେଳଷ୍ଟେସନ ନିକଟ ଗାନ୍ଧିରୋଡ୍ ସ୍ଥିତ ନୂଆବସ୍‌ଷ୍ଟାଣ୍ଡ ପାଚେରିକୁ ଲାଗି ଶତାଧିକ ବେଆଇନ କୋଠା ନିର୍ମାଣ ହୋଇଥିବା ବେଳେ ବୁଧବାର ଗଭୀର ଫାଉଣ୍ଡେସନ ସହ ଏକ ନିର୍ମାଣାଧୀନ ବେଆଇନ କୋଠାର ନିର୍ମାଣକୁ ଉଚ୍ଛେଦ ନ କରି ବିଭାଗୀୟ ଆରଏମସି ଅଧିକାରୀ ଫେରି ଯାଇଥିଲେ। ରବିବାର ଛୁଟି ଦିନ ଥିବାରୁ ଏହାର ସୁଯୋଗ ନେଇ ସମ୍ପୃକ୍ତ ଜବରଦଖଲକାରୀ ସେଠାରେ କଂକ୍ରିଟ ଛାତ ପକାଇ ଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଗାନ୍ଧିରୋଡସ୍ଥିତ ଉକ୍ତ ଅଞ୍ଚଳଟି ସହରର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ତଥା ରାଉରକେଲା ରେଳଷ୍ଟେସନ୍ ଓ ନୂଆ ବସଷ୍ଟାଣ୍ଡ ଅନତି ଦୂରରେ ରହିଥିବାବେଳେ ସେଠାରେ ଶତାଧିକ ଲୋକ ଜବରଦଖଲ କରି ରହିବା ସହ ବିଭିନ୍ନ ବ୍ୟବସାୟ କରୁଛନ୍ତି। ଏପରିକି ବେଆଇନ ଭାବେ ନିର୍ମାଣାଧୀନ କେତେକ ହୋଟେଲ ଚାଲିଛି। ହେଲେ ଜିଲ୍ଲା ପ୍ରଶାସନର ଏଥିପ୍ରତି କେବେ ବି ନଜର ନ ପଡ଼ିବା ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି।

ସୂଚନା ମୁତାବକ ଗାନ୍ଧିରୋଡରେ ନୂଆବସ୍‌ଷ୍ଟାଣ୍ଡ ପାଚେରି ଏବଂ ଡ୍ରେନ୍‌କୁ ଲାଗି ସରକାରୀ ଜାଗାରେ ଏକ ସ୍ଥାୟୀ ବଡ଼ ଘର ଫାଉଣ୍ଡେସନ ସହ ପିଲାର ମଧ୍ୟ ଉଠି ଯାଇଥିଲା। ଏ ବିଷୟରେ ଖବରପାଇ ଆରଏମ୍‌ସିର ଲ୍ୟାଣ୍ଡ ବିଭାଗ ଅଧିକାରୀ ସଦଳବଳେ ପ୍ଲାଣ୍ଟସାଇଟ୍ ପୁଲିସ ସହ ସେଠାରେ ଗତ ୮ ତାରିଖ ଅର୍ଥାତ ଗତ ବୁଧବାର ଦିନ ଜବରଦଖଲ ଉଚ୍ଛେଦ ପାଇଁ ପହଞ୍ଚି ଥିଲେ। ହେଲେ ଜବରଦଖଲ ଉଚ୍ଛେଦ ନ କରି ଖାଲି ତାଗିଦ କରି ଫେରି ଯାଇଥିବା ଜଣାପଡ଼ିଥିଲା। ରବିବାର ଛୁଟିଦିନ ଥିବାର ସୁଯୋଗ ନେଇ ସମ୍ପୃକ୍ତ ଜବରଦଖଲକାରୀ କଂକ୍ରିଟ ଛାତ ପକାଇ ଦେଇଛନ୍ତି। ତେବେ ଗତ ୮ ତାରିଖ ଦିନ କାହିଁକି ଏହି ବେଆଇନ ଜବରଦଖଲ ନିର୍ମାଣ କାର୍ଯ୍ୟକୁ ଉଚ୍ଛେଦ ନ କରି ଛାଡ଼ି ଦିଆଯାଇଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାଦ୍ୱାରା ଜବରଦଖଲକାରୀଙ୍କୁ ପ୍ରୋତ୍ସାହନ ଦିଆଯାଉନି ତ ବୋଲି ପ୍ରଶ୍ନ ଉଠିଛି। ସେପଟେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡକୁ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପରି ଏୟାରପୋର୍ଟ ଢାଞ୍ଚାରେ ନିର୍ମାଣ ହେବ ବୋଲି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତି ଚାଲିଛି, ଯାହାକି ନିକଟରେ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଥିଲେ। ଯେଉଁଥିପାଇଁ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ପଛ ପଟେ ଥିବା ସରକାରୀ ଜମିରେ ଜବରଦଖଲ ହୋଇ ନିର୍ମାଣ ହୋଇଥିବା ବସ୍ତି ଏବଂ ବଡ଼ ବଡ଼ କୋଠାକୁ ଉଚ୍ଛେଦ କରାଯିବାର ଜରୁରୀ ହୋଇପଡ଼ିଛି। ଯାହା ଫଳରେ ନୂଆ ବସ୍‌ଷ୍ଟାଣ୍ଡ ପ୍ରଶସ୍ତ ହେବା ସହ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ ହେବା ସମ୍ଭବ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି। ଉଲ୍ଲେଖନୀୟ ଯେ ନବେ ଦଶକରେ ତତ୍କାଳୀନ ସୁନ୍ଦରଗଡ଼ ଜିଲ୍ଲାପାଳ ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଗାନ୍ଧିରୋଡରେ ଜବରଦଖଲକୁ ଉଚ୍ଛେଦ କରାଯାଇ ରାଉରକେଲାର ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିଲା।

**ବୁଧବାର ଜବରଦଖଲ ଉଚ୍ଛେଦ ନ କରି ଫେରିଥିଲେ ଅଧିକାରୀ**

## କୁକୁଡ଼ା ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ; ଜଣେ ଗିରଫ

**ରାଉରକେଲା, ୧୨।୧(ସମିସ):** କୁକୁଡ଼ା ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ଝିରପାଣି ଥାନା ପୁଲିସ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଉଛନ୍ତି ସେକ୍ଟର -୩ ଥାନା ଅଧୀନ ବଲାଙ୍ଗିର ବସ୍ତିର ବିଶାଳ ରଞ୍ଜନ ପଟ୍ଟନାଏକ (୩୧)। ଘଟଣାରେ ଜଡ଼ିତ ଥିବା ଅନ୍ୟ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଉକ୍ତ ମାର୍କେଟ ଠାରେ ବାବୁ ରାଓଙ୍କ ଏକ କୁକୁଡ଼ା ଦୋକାନ ରହିଛି। ଗତ ୯ ତାରିଖ ଅପରାହ୍ନରେ ଗିରଫ ଅଭିଯୁକ୍ତ ବିଶାଳ ମଦ୍ୟପାନ କରି ଦୋକାନକୁ ଗୋଇଠା ମାରିଥିଲେ। ବିଶାଳଙ୍କ ସାଙ୍ଗରେ ଥିବା ଅନ୍ୟ ଜଣେ ଦୁର୍ବୃତ୍ତ ଫୋନ କରି ସହଯୋଗୀମାନଙ୍କୁ ଡକାଇ ଥିଲେ। ପରେ ପ୍ରାୟ ୧୦-୧୨ ଜଣ ସଂଘବଦ୍ଧ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା।

## ଲକ୍ଷାଧିକ ଟଙ୍କାର ପୂଜା ସାମଗ୍ରୀ ପୋଡ଼ି ଧ୍ୱଂସ

**ରାଉରକେଲା, ୧୨।୧(ସମିସ):** ସେକ୍ଟର -୧୯ ସ୍ଥିତ ଗଜପତି ମାର୍କେଟର ସପ୍ ନଂ ୭୨୫ ଠାରେ ରବିବାର ଭୋର୍ ସମୟରେ ଏହି ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପୂଜା ସାମଗ୍ରୀ ଜଳିପୋଡ଼ି ଧ୍ୱଂସ ହୋଇଯାଇଛି। ସେଠାରେ ପ୍ରହ୍ଲାଦ ଦାସଙ୍କ ପୂଜା ସାମଗ୍ରୀ ଦୋକାନ ସମେତ ଗୋଦାମ ଗୃହ ରହିଛି। ଶନିବାର ରାତିରେ ଦୋକାନ ବନ୍ଦ କରି ସେ ଘରକୁ ପଳାଇ ଯାଇଥିଲେ। ଦୋକାନ ଭିତରେ ଜଣେ କର୍ମଚାରୀ ଶୋଇଥିଲେ। ହଠାତ୍ ନିଆଁ ଲାଗିଥିବା ସ୍ଥାନୀୟଲୋକେ ଦେଖିଥିଲେ। କର୍ମଚାରୀଙ୍କୁ ଉଠାଇ ବାହାରକୁ ଆଣିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ତେବେ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି।

## ୧୮ ରୁ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ

**ରାଉରକେଲା, ୧୨।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଜାନୁଆରୀ ୧୮ ଓ ୧୯ ତାରିଖରେ ସେକ୍ଟର - ୮ ସ୍ଥିତ ଜୁବୁଲି ପାର୍କ ଠାରେ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଆୟୋଜିତ ହେବାକୁ ଯାଉଛି। ଏଥିରେ ଡିନର୍ ବାଉଲ ଆରେଞ୍ଜମେଣ୍ଟ୍ ଏବଂ ବେଷ୍ଟ ଆରେଞ୍ଜଡ୍ ଫ୍ଲାୱାର ଭେସ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ, ଯେଉଁଥିରେ କେବଳ ମହିଳାମାନେ ଅଂଶଗ୍ରହଣ କରିପାରିବେ। ଅନ୍ୟ ପ୍ରତିଯୋଗିତା ଯଥା ବଟନ୍ ହୋଲ୍, ପୁଷ୍ପଗୁଚ୍ଛ, ଫୁଲମାଳ (ଗୋଲାପ ବ୍ୟତୀତ) ଏବଂ ଫୁଲ ଓ ପତ୍ରରେ ନିର୍ମିତ ମଡେଲଗୁଡିକର ଉପସ୍ଥାପନାରେ ସମସ୍ତେ ଅଂଶଗ୍ରହଣ କରିପାରିବେ। ଏହା ବ୍ୟତୀତ କଟ୍ ଫ୍ଲାୱାର, ବିଭିନ୍ନ ରଙ୍ଗ ଏବଂ କିସମର ସ୍ପେଶିମେନ ବ୍ଲୁମ୍‌ରୋଜ, ଯେକୌଣସି ସମ୍ପୂର୍ଣ୍ଣ ଖୋଲା ଏଟ୍‌ଟି ରୋଜ କିସମ, ଏକକ ଷ୍ଟେମ ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ, ୩ ଷ୍ଟେମ ୩ କିସମର ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ ଏବଂ ୨ ଷ୍ଟେମ ମିନିଏଚର/ପଲିଏନ୍ଥା/ ବିବିଧ କିସମର ରୋଜ ବର୍ଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀରେ ଭାଗନେବା ନିମନ୍ତେ ସମସ୍ତ ଏଣ୍ଟ୍ରି ଜାନୁଆରୀ ୧୮ ତାରିଖରେ ଜୁବୁଲି ପାର୍କ ପରିସରରେ ସକାଳ ୭.୩୦ ରୁ ୧୧.୩୦ ମିନିଟ୍ ମଧ୍ୟରେ ଗ୍ରହଣ କରାଯିବ। ଦର୍ଶକମାନଙ୍କ ପରିଦର୍ଶନ ପାଇଁ ଏହା ଜାନୁଆରୀ ୧୮ ତାରିଖରେ ଅପରାହ୍ନ ୪ଟାରୁ ରାତି ୯ ଟା ଏବଂ ୧୯ ତାରିଖ ସକାଳ ୮ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଜାନୁଆରୀ ୧୯ ତାରିଖରେ ଜୁବିଲି ପାର୍କରେ ସମସ୍ତ ପୁରସ୍କାର ବିତରଣ କରାଯିବ। ଅଧିକ ବିବରଣୀ ପାଇଁ ଅଂଶଗ୍ରହଣକାରୀ ସେକ୍ଟର ୪ ଉଦ୍ୟାନକୃଷି ବିଭାଗ ସହ ଯୋଗାଯୋଗ କରିପାରିବେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




**ରାଉରକେଲା, ୧୨।୧(ସମିସ):** ବିଶ୍ରା ବ୍ଲକ ଅଧୀନ ମନ୍‌କୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ତମ ବାର୍ଷିକୋତ୍ସବ ସ୍କୁଲ ପରିସରରେ ପାଳିତ ହୋଇଛି। ଏହି ଅବସରରେ ବିଶ୍ରା ବ୍ଲକର ଏବିଇଓ ଆରତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଠୋର ଅଧ୍ୟବସାୟ ଯୋଗୁଁ ହିଁ ସଫଳତା ହାସଲ ହୋଇଥାଏ ବୋଲି କହିଥିଲେ। ମନ୍‌କୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମାହାତୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାନରାମଲୋଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାମଲ, ସହକାରୀ ଶିକ୍ଷକ ନିରଞ୍ଜନ ମାହାତୋ, ପରିଚାଳନା କମିଟିର ସଭାପତି ସହଦେବ ମାହାତୋ, ଖଟନକୁଦର କ୍ଲଷ୍ଟରର ସିଆରସିସି କଳ୍ପନା ସାହୁ, ବରସୁଆଁ କ୍ଲଷ୍ଟର ସିଆରସିସି ଜନ ପ୍ରକାଶ ଲୋମଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ସିଂହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ କ୍ଷୁଦ୍ର ନାଟକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା। ଅପରାହ୍ନରେ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ରା ଏବିଇଓ ସତ୍ୟଭାମା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ମତ ପ୍ରକାଶ କରିଥିଲେ। ଆରତୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବଣାଇଁ, ୧୨।୧(ସମିସ):** ବଣାଇଁ ସହରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଶୀନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ କୁମାର ମୁଣ୍ଡୁ, ବରିଷ୍ଠ ଆଇନଜୀବୀ ଲିଙ୍ଗରାଜ ମିଶ୍ର, କରେଇପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛନ୍ଦାଚରଣ ଡଗରା, ରୁଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲିଧର ବାଙ୍କ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଜୟକୃଷ୍ଣ ପଟେଲ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କାଶୀନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ବିବେକାନନ୍ଦ ଜୟନ୍ତୀ ପାଳିତ

**ରାଉରକେଲା, ୧୨।୧(ସମିସ):** ରାଉରକେଲା ସହରର ସେକ୍ଟର-୧୮ ଠାରେ ଥିବା ବିବେକାନନ୍ଦ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ପାଳନ ସହିତ ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କରୁଥିବା ସଙ୍ଗଠନ - ବିବେକାନନ୍ଦ ଏଜୁକେସନ ସୋସାଇଟିର ସଭାପତି ତଥା ଅଧ୍ୟାପକ ମହେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ତନ୍ତୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ତାଙ୍କର ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ପରିଚାଳନା ସମିତିର ସମ୍ପାଦକ ପିତାମ୍ବର ଲେଙ୍କା ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିତ ସାହାଣୀ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବକ୍ତବ୍ୟର କୃତୀ ପ୍ରତିଯୋଗୀମାନଙ୍କୁ ବିଧାୟକ ଶ୍ରୀ ତନ୍ତୀ ପୁରସ୍କୃତ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ତଥା ସାମ୍ବାଦିକ ସଞ୍ଜୀବ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ବିଶ୍ୱାଳ, ଶିକ୍ଷୟିତ୍ରୀ ସବିତାରାଣୀ ବିଶ୍ୱାଳ ଓ ସ୍ୱର୍ଣ୍ଣଲତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟ ସହିତ ଜଡ଼ିତ କୈଳାସ ତନ୍ତୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ସଂସ୍କୃତ ମହାବିଦ୍ୟାଳୟ



ଗୁରୁକୂଳ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଦାସଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ରମେଶ ଚନ୍ଦ୍ର ଜେନା ଯୋଗଦେଇ ବିବେକାନନ୍ଦ ସୁଭାଷ ବୋଷଙ୍କ ପରି ମହାନ୍ ନେତାଙ୍କୁ ସୃଷ୍ଟି କରି ପାରିଥିଲେ। ଅଧ୍ୟକ୍ଷ ଡ. ପଣ୍ଡା ଧର୍ମାନ୍ଧତା, ବର୍ଣ୍ଣବୈଷମ୍ ବାଦକୁ ଭୁଲି ଭଲ ମଣିଷ ଟିଏ ରାଷ୍ଟ୍ରର ଉନ୍ନତିରେ ଜୀବନକୁ ଉତ୍ସର୍ଗୀକୃତ କରିବା ବୋଲି କହିଥିଲେ। ସନ୍ତୋଷ କୁମାର ଲେଙ୍କା, ଖୁସି ରାୟ, ରେସମା ମାଝୀ ସହଯୋଗ କରିଥିଲେ।

### ସାମାଜିକ ଅନୁଷ୍ଠାନ ଯୁବଦୟ

ସାମାଜିକ ଅନୁଷ୍ଠାନ ଯୁବଦୟ ପକ୍ଷରୁ ରବିବାର ରାଷ୍ଟ୍ରୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଛି। ସଭାପତି ବିଶ୍ୱଜିତ ଜେନାଙ୍କ ନେତୃତ୍ୱରେ ସେକ୍ଟର -୧୭ ସରସ୍ୱତୀ ବିଦ୍ୟାମନ୍ଦିରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଯୁବ ସ୍ୱେଚ୍ଛାସେବୀମାନେ ଯୋଗ ଦେଇ ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ୍ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପରେ ସେକ୍ଟର -୧୬ ସ୍ଥିତ ପିଏଣ୍ଡଟି ବସ୍ତିରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅରୁଣ, ଦେବାଶିଷ, ଛୋଟୁ, ତାରିଣୀ, କାଳିଆ, ସୁମିତ, ସୋନାଲିକା, ଦିକ୍ଷିତ, ଉର୍ବଶୀ, ଶୀବାନୀ, ରିପିକା, ସ୍ମୃତି, ପ୍ରିୟଙ୍କା ଓ ସ୍ନେହ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ଦିନରେ ଅନୁଷ୍ଠାନ ସାମାଜିକ କାର୍ଯ୍ୟସହ ଲୋକଙ୍କ ସମସ୍ୟା ସମାଧାନ ଦିଗରେ କାମ ଜାରି ରଖିବ ବୋଲି ମତପ୍ରକାଶ ପାଇଛି।

## ଜକୈକଳା ଗ୍ରାମରେ ନବବଧୂ ନିର୍ଯାତନା ଓ ହତ୍ୟା ମାମଲା

# ୧୩ ମାସ ପରେ ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

**ବଣାଇଁ, ୧୨ ।୧(ସମିସ)**

ବଣାଇଁ ଥାନା ଅଧୀନ ଜକୈକଳା ଗ୍ରାମରେ ନବବଧୂ ନିର୍ଯାତନା ଓ ହତ୍ୟା ମାମଲାର ୧୩ ମାସ ପରେ ବଣାଇଁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଛି ମୁଖ୍ୟ ଅଭିଯୁକ୍ତ। ସୂଚନା ଅନୁସାରେ ୨୦୨୨ ମସିହାରେ ଜକୈକଳା ଗ୍ରାମର ଆଲୋକ ମିଶ୍ର ଝାଡ଼ଖଣ୍ଡ ରାଜ୍ୟ ସିମଡେଗା ଜିଲ୍ଲା ଅଧୀନ କୁର୍ଡେ ଗ୍ରାମର ପବନ ଷଡ଼ଙ୍ଗୀଙ୍କ ଝିଅ ପ୍ରିୟଙ୍କା ଷଡ଼ଙ୍ଗୀ (୨୬)ଙ୍କୁ ବିବାହ କରିଥିଲେ। ଦମ୍ପତିଙ୍କ ଏକ ଶିଶୁ କନ୍ୟା ରହିଛି। ମିଛ କହି ବିବାହ କରିବା ସହ ସ୍ୱାମୀ ଆଲୋକର ପ୍ରେମକିୟା ପ୍ରୀତିକୁ କିଛିଦିନ ପରେ ଜାଣିପାରିଥିଲେ ପ୍ରିୟଙ୍କା। ଏନେଇ ଉଭୟଙ୍କ ମଧ୍ୟରେ ଅନେକ ଥର ଝଗଡ଼ା ହେଉଥିବାବେଳେ ଶ୍ୱଶୁରଘର ଲୋକେ ପ୍ରିୟଙ୍କାକୁ ନିର୍ଯାତନା ଦେଇ ଆସୁଥିଲେ। ବିବାହର ଦେଢ଼ବର୍ଷ ପରେ ପ୍ରିୟଙ୍କା ହଠାତ୍ ଦିନେ ବିଷ ପିଇ ଦେଇଥିବା ପରିବାର ଲୋକେ ପ୍ରିୟଙ୍କା ଘରକୁ ଖବର ଦେଇଥିଲେ। ପ୍ରିୟଙ୍କାକୁ ଡାକ୍ତରଖାନା



ନ ନେଇ ଘରେ ରଖି ଲୁକ୍କାୟିତ ଭାବେ ଚିକିତ୍ସା କରୁଥିଲେ। ଘଟଣା ଘଟିବାର ୮ ଦିନ ପରେ ଅଭିଯୁକ୍ତ ଆଲୋକର ମା' ସୁମତି ମିଶ୍ର ପ୍ରିୟଙ୍କା ବିଷ ପିଇ ଦେଇଥିବା ଖବର ଝିଅର ପରିବାର ଲୋକଙ୍କୁ ଜଣାଇଥିଲେ। ପ୍ରିୟଙ୍କାଙ୍କ ପରିବାର ବଣାଇଁ ଜକୈକଳା ଗ୍ରାମରେ ପହଞ୍ଚି ଝିଅ ଗୁରୁତର ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଝିଅକୁ ନେଇ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତିନିଦିନ ଧରି ଚିକିତ୍ସା ଜାରି ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ପୁଣି ତାଙ୍କୁ ନେଇ ଭୁବନେଶ୍ୱରରେ ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ମଧ୍ୟ ଦୀର୍ଘ ଆଠଦିନ ଧରି ଚିକିତ୍ସା କରାଯାଇଥିଲେ ମଧ୍ୟ ପ୍ରିୟଙ୍କାଙ୍କ ମୃତ୍ୟୁ ଘଟିଥିଲା। ପୁଅଘର ପକ୍ଷରୁ କୌଣସି ସହଯୋଗ ନ ଥିବାବେଳେ ପ୍ରିୟଙ୍କାଙ୍କ ବାପା ଝିଅର ଶବକୁ ନେଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରିଥିଲେ। ଝିଅର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରି ନ ଥିଲେ ପ୍ରିୟଙ୍କାଙ୍କ ବାପା। ଏନେଇ ୨୦୨୩ ଡିସେମ୍ବର ୪ ତାରିଖ ଦିନ ବଣାଇଁ ଥାନାରେ ଝିଅକୁ ଆଲୋକ ମିଶ୍ର ଏବଂ ତାଙ୍କ ପରିବାର ନିର୍ଯାତନା ସହ ବିଷ ଦେଇ ମାରିଦେଇଥିବା ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବାବେଳେ ସେହିଦିନ ହିଁ ଆଲୋକ ମିଶ୍ରର ପରିବାର ଫେରାର ହୋଇଯାଇଥିଲେ। ଆଲୋକ ମିଶ୍ରକୁ ପୁଅଭଳି ରଖି ବିବାହ କରାଇଥିବା କକା ବୀର କିଶୋର ମିଶ୍ର ଓ ଖୁଡ଼ି ପୁଷ୍ପାଞ୍ଜଳି ପାଣିଗ୍ରାହୀ ଦୀର୍ଘ ୬ ମାସ ହେବ ରାଉରକେଲାରେ ଲୁଚିରହି ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହା ଅଗ୍ରାହ୍ୟ ହୋଇ ଯାଇଥିଲା। ଫଳରେ ବାଧ୍ୟ ହୋଇ ସେମାନେ ରାଉରକେଲାରେ ଲୁଚି ରହିଥିଲେ। ଏ ସମ୍ପର୍କରେ ସୂଚନା ପାଇଥିଲେ ପ୍ରିୟଙ୍କାଙ୍କ ବାପା। ଏହା ଜାଣିବା ପରେ ସେ ବଣାଇଁ ପୁଲିସକୁ ସୂଚନା ଦେଇଥିଲେ। ଦୀର୍ଘ ୬ ମାସ ପରେ ଅଭିଯୁକ୍ତର କକା ଓ ଖୁଡ଼ିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ଦୀର୍ଘ ତିନ ମାସ ଧରି ଜେଲରେ ରହିବା ପରେ ବର୍ତ୍ତମାନ ସେମାନେ ବେଲ୍‌ରେ ଆସିଥିବା ଜଣାପଡ଼ିଛି। ସେପଟେ ମୁଖ୍ୟ ଅଭିଯୁକ୍ତ ଦୀର୍ଘ ୧୩ ମାସ ହେବ ବିଭିନ୍ନ ସ୍ଥାନରେ ଲୁଚି ରହି ସତ ଚେଷ୍ଟା ସତ୍ତ୍ୱେ ଆଗୁଆ ଜାମିନ ନ ପାଇବାରୁ ଗତ ୮ ତାରିଖ ଦିନ ବଣାଇଁ ଏସଡିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରିବା ପରେ ଏବେ ବଣାଇଁ ଜେଲ୍‌ରେ। କିନ୍ତୁ ଅଭିଯୁକ୍ତର ମା' ସୁମତି ମିଶ୍ର ଏବେ ବି ଫେରାର ରହିଛନ୍ତି।



## କଳାହାଣ୍ଡି ଜିଲ୍ଲାର ସାଂସ୍କୃତିକ ଓ ଐତିହ୍ୟର ସ୍ମାରକୀ ହାବସପୁରୀ ଶାଢ଼ି

# ପୃଷ୍ଠପୋଷକତା ଅଭାବ, ଇଚ୍ଛାଶକ୍ତି ନାହିଁ

**ଭବାନୀପାଟଣା, ୧୨ ।୧(ସମିସ):**

ପ୍ରତିଯୋଗୀତାମୂଳକ ବଜାରରେ ସମ୍ମୁଖୀନ ହେବାକୁ ବୟନ ତଥା ହସ୍ତତନ୍ତ ଶିଳ୍ପ ତ୍ୱରାନ୍ୱିତ କରିବା ସମୟ ଆସିଛି । ଏପରି ଶିଳ୍ପକଳାର ସ୍ଥିତି କିପରି ମଜଭୁତ ହୋଇପାରିବ ତାହା ହିଁ ଆଜିର ମୁଖ୍ୟ ପ୍ରଶ୍ନ ରୂପେ ଠିଆ ହୋଇଛି । ହସ୍ତତନ୍ତ କଳାକୁ ବଳିଷ୍ଠ ଓ ସମ୍ବେଦନଶୀଳ କରିବା ସରକାରଙ୍କ ଦାୟିତ୍ୱ । ବୁଣାକାରମାନଙ୍କୁ ଆଧୁନିକ ବଜାରବ୍ୟବସ୍ଥା ସହିତ ସମ୍ମିଳିତ କରାଗଲେ ହସ୍ତ ତନ୍ତ କ୍ଷେତ୍ରରେ ପ୍ରଗତି ହୋଇପାରିବବୋଲି ମତ ପ୍ରକାଶ ପାଇଛି । ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ୧୯୫୪ ମସିହାରୁ ଏହି କଳା ଆରମ୍ଭ ହୋଇଥିବାବେଳେ ୧୯୮୦/୮୨ ସମୟରେ ତନ୍ତୁବାୟ ସମିତି କିଛି ପଞ୍ଜିକରଣ ହୋଇଥିଲା । ବର୍ତ୍ତମାନ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । କଳାହାଣ୍ଡି ଜିଲ୍ଲାକୁ ଦେଖିଲେ ଆଜି ମାତ୍ର ହାତଗଣତି କିଛି ବୁଣାକାର ଏହି ଶିଳ୍ପକୁ ବଞ୍ଚାଇ ରଖି ଆସିଛନ୍ତି । ବିଭାଗୀୟ ନଥିପତ୍ରରେ ୭୦/୮୦ ଲୁମ ଥିବା ଦର୍ଶାଉଥିଲେ ମଧ ସମଗ୍ର ଜିଲ୍ଲାରେ ବହୁ କଷ୍ଟ ଓ ବାଧାବିଘ୍ନ ସତ୍ତ୍ୱେ କ୍ୱଚିତ କେତୋଟି ଲୁମ୍ ଚଳମାନ ଅବସ୍ଥାରେ ଗତି କରୁଛି; କିନ୍ତୁ କଳାହାଣ୍ଡିର ହାବସପୁରୀ ବସ୍ତ୍ର ଆଜି ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଗ୍ରାହକଙ୍କ ପସନ୍ଦ ଥିବା ସତ୍ତ୍ୱେ ବଜାରଧାରାକୁ ତାଳଦେଇ ଆଗେଇ ପାରୁ ନ ଥିବା କୁହାଯାଉଛି । ଗତବର୍ଷ ଏକ ୨୦ ଜଣିଆ ବୁଣାକାର ଦଳ ପାଇଁ ତାଲିମ ବ୍ୟବସ୍ଥା କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହା ନଭେମ୍ବର ଓ ଡିସେମ୍ବର ମାସରେ ମଧ ତାଲିମ ଦିଆଯାଇଛି । ଇତିମଧ୍ୟରେ ତାଲିମ ନେଉଥିବା ବୁଣାକାରଙ୍କ ଷ୍ଟାଇପେଣ୍ଡ ରାଶି ବୃଦ୍ଧି ପାଇଛି; କିନ୍ତୁ କେହି ପାଇନାହାନ୍ତି । କାରଣ ସେ ବାବଦରେ ସ୍ପଷ୍ଟ ସୂଚନା ଆସି ନ ଥିବା ସହକାରୀ ତନ୍ତବାୟ ଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟରୁ ଜଣାପଡ଼ିଛି । ତେଣୁ ଏଭଳି



ନାନା ପ୍ରକାର ସମସ୍ୟା ଓ ଅଧିକ ଅର୍ଥ ଉପାର୍ଜନ ନିଶା ଯୋଗୁଁ ହାବସପୁରୀ ହସ୍ତତନ୍ତ ପ୍ରତି ଯୁବଗୋଷ୍ଠି ମୁହଁ ଫେରେଇ ନେଉଛନ୍ତି । ହାବସପୁରୀ ବସ୍ତ୍ର ତଥା ଶାଢୀ ପାଇଁ କଳାହାଣ୍ଡି ଜିଲ୍ଲାର ହସ୍ତତନ୍ତ କାରିଗରୀ କୌଶଳ ବେଶ ପ୍ରସିଦ୍ଧି ଲାଭ କରିଛି । କେବଳ ସେତକ ନୁହେଁ; ସ୍ୱତନ୍ତ୍ର ରୁଚି ରଖୁଥିବା ବ୍ୟକ୍ତିଙ୍କ ମନକୁ ହାବସପୁରୀ ବସ୍ତ୍ର ବାନ୍ଧି ରଖିବାରେ ସକ୍ଷମ ହୋଇଛି । ଆକର୍ଷଣ ଓ ଚାହିଦା ବୃଦ୍ଧି କାରଣରୁ ଜିଆଇ ଟ୍ୟାଗ ମାନ୍ୟତା ପାଇବାର ସୌଭାଗ୍ୟ ପ୍ରାପ୍ତ ବୋଲି କୁହାଯାଉଛି । ହାବସପୁର, ଚିଚେଇଗୁଡା ଗ୍ରାମ ଓ ନେହୁରୂପଡ଼ା ଏବେ ହାବସପୁର ବସ୍ତ୍ର ପ୍ରସ୍ତୁତିରେ ସୀମିତ ରହିଛି; କିନ୍ତୁ ଗତ କିଛି ବର୍ଷ ଧରି ବୁଣାକାରମାନେ ଏହି କୌଳିକ ବୃତ୍ତି ପ୍ରତି ମୁହଁ କାହିଁକି ଫେରାଇ ନେଇଛନ୍ତି ତାହା ସରକାର ଅନୁଧ୍ୟାନ କରିବା ଯଥେଷ୍ଟ ଆବଶ୍ୟକତା ରହିଛି । କଞ୍ଚାମାଲର ଅଭାବ, ସରକାରୀ ପ୍ରୋତ୍ସାହନ ନମିଳିବା ଏବଂ ଉନ୍ନତ ମାନର ଯନ୍ତ୍ରପାତିର ଅଭାବ ସହିତ ତାଲିମ ବ୍ୟବସ୍ଥା ନ

### ● ଗତିଶୀଳ ହେଉନି ବୁଣାକାରଙ୍କ ଜୀବନଧାରଣ ପଦ୍ଧତି

ଥିବା ଯୋଗୁଁ ଘୋର ସଂକଟମୟ ସ୍ଥିତିକୁ ସାମ୍ନା କରିବାକୁ ପରିସ୍ଥିତି ବାଧ କରୁଛି କି ବୋଲି ପ୍ରଶ୍ନ ଉଠଉଛି । ପ୍ରାୟ ଅଧିକାଂଶ ବୁଣାକାର ପରିବାର ନିଜ ବୃତ୍ତିଠାରୁ ଦୂରେଇଯାଇ ଅନ୍ୟଧନ୍ଦାରେ ନିଜକୁ ନିୟୋଜିତ କରି ବ୍ୟସ୍ତ ରହୁଛନ୍ତି । ବେପାର କାଳେ କମିଯିବାର ଭୟ ହାବସପୁରୀ ଶାଢୀ ବିଲୁପ୍ତ ହେବାର ଅନ୍ୟ ଏକ କାରଣବୋଲି କୁହାଯାଇପାରେ । ଭଙ୍ଗା ଦଦରା ଭିତ୍ତିଭୂମିକୁ ନେଇ ବୁଣାକାରମାନେ ଅଣ୍ଟାକୁ ସଳଖ କରି ଛିଡା ହେବାକୁ ମନରେ ସାହାସ ଜୁଟାଇ ପାରୁନାହାନ୍ତି । କଳାହାଣ୍ଡି ଜିଲ୍ଲାର ହାବସପୁର ଏକ ଚର୍ଚ୍ଚିତ ସ୍ଥାନ । ବହୁ ପ୍ରାଚୀନ ହାବସପୁରୀ ଶାଢ଼ୀ ପାଇଁ ଐତିହାସିକ ସ୍ମାରକୀ ବହନ କରିଛି । ହାବସପୁରୀ ଶାଢୀର ସ୍ୱତନ୍ତ୍ର ପ୍ରସ୍ତୁତି ଶୈଳୀ ଓ ଡିଜାଇନ ଗୁଡିକ ଏତେ ଆକର୍ଷଣୀୟ ଥିଲା ଯେ, ରାଜ୍ୟ କାହିଁକି ରାଜ୍ୟ ବାହାରେ ମଧ ଚାହିଦା ଅତି ଉଚ୍ଚକୋଟିର ହୋଇପାରିଛି । ହସ୍ତତନ୍ତ ତଥା ତନ୍ତୁବାୟ ଶାଢୀ ପ୍ରସ୍ତୁତି ପାଇଁ କଳାହାଣ୍ଡି ଜିଲ୍ଲାରେ ହାବସପୁର ଓ ଚିଚେଇଗୁଡା ଏହି ଦୁଇଟି ସ୍ଥାନ ଖୁବ ପ୍ରସିଦ୍ଧି ଲାଭ କରିଛି । ହାବସପୁରୀ ଶାଢୀ ଓ ଭଳିକି ଭଳି ଡିଜାଇନ କପଡ଼ା ପାଇଁ ୨୦୧୨ ଜୁଲାଇ ୧୭ରେ ଜିଆଇ ଟ୍ୟାଗ (ନମ୍ବର-୨୧୯/ ସେର୍ଟିଫିକେଟ ନମ୍ବର-୧୭୭) ମାନ୍ୟତା ପାଇବାର ସୁଯୋଗ ସୃଷ୍ଟି କରିବାରେ ସଫଳ ହୋଇଛି; କିନ୍ତୁ ସମୟ ସାଥ୍ ଦେଇପାରିନି । ଧୀରେ ଧୀରେ ଭିତ୍ତିଭୂମି ନଷ୍ଟ ହେବା ସହିତ କଞ୍ଚାମାଲ ସଂଗ୍ରହରେ ସଙ୍କଟ ଦେଖାଦେବା ବୁଣାକାରଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଲା । ସୋସାଇଟି ସବୁ ଭାଙ୍ଗିରୁଜି ଯିବା ଦ୍ୱାରା ହସ୍ତତନ୍ତ ବ୍ୟବସାୟକୁ ନେଇ ତିଷ୍ଠିବା ଚିନ୍ତା ବୁଣାକାର ପରିବାର ମଧ୍ୟରେ ବିରାଟ ବଡ଼ ଶୂନ୍ୟତା ଦେଖିବା ସାର ହେଲା । ଆଜି ଦିନରେ ବୁଣାକାର ପରିବାର କଥା ଯଦି କୁହାଯାଏ ତେବେ ପ୍ରଥମେ ୧୧୪ ବୁଣାକାର ପରିବାର ଥିବାବେଳେ ଏବେ ମାତ୍ର ୧୦ରୁ ୨୦ ବୁଣାକାର ପରିବାର କଷ୍ଟେ ମଷ୍ଟେ ନିଜ କୌଳିକ ବୃତ୍ତିକୁ ବଞ୍ଚେଇ ରଖିଛନ୍ତି । ଗତବର୍ଷ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେ‡୍ଡୀ ହାବସପୁରୀ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ପ୍ରତ୍ୟକ୍ଷ ଭାବେ ହାବସପୁର ଓ ଚିଚେଇଗୁଡା ଗସ୍ତ କରିଥିଲେ । ବୁଣାକାର ପରିବାର ସହିତ ସିଧାସଳଖ ସମ୍ପର୍କ ଯୋଡି ସେମାନଙ୍କର ଅଭାବ ଅସୁବିଧା ଓ ଭିତ୍ତିଭୂମି ସମ୍ପର୍କରେ ଟିକିନିଖି ଖବର ନେଇଥିଲେ । ପରବର୍ତ୍ତୀ ସମୟରେ ହସ୍ତତନ୍ତ ବିଭାଗକୁ ହାବସପୁରୀ ସୋସାଇଟୀ ଗୁଡିକର ତଥା ତନ୍ତୁବାୟ ସମିତି ଗୁଡିକର ଭିତ୍ତିଭୂମି ନିର୍ମାଣ, କଞ୍ଚାମାଲ ଯୋଗାଣ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଲକ୍ଷ୍ୟ ରଖି ୨କୋଟି ୨୬ ଲକ୍ଷ ଟଙ୍କାର ପ୍ରକଳ୍ପ ରିପୋର୍ଟ ପଠାଇଥିଲେ । ସେଥି ମଧ୍ୟରୁ ୩୯ ଲକ୍ଷ ଟଙ୍କା ଆସି ପଡ଼ିରହିଛି । ଯଦିଓ ବର୍ତ୍ତମାନ ସେହି ପ୍ରକଳ୍ପ ଅର୍ଥ ବୃଦ୍ଧି ପାଇ ୨ କୋଟି ୯୧ ଲକ୍ଷରୁ ଊର୍ଦ୍ଧ୍ୱରୁ ହୋଇଛି; କିନ୍ତୁ କୌଣସି କାମ ଆଗେଇ ପାରୁନାହିଁ । କଳାହାଣ୍ଡିର ସାଂସ୍କୃତିକ ଓ ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ସରକାର ବୁଣାକାର ପରିବାର କିପରି ଦୀର୍ଘମିଆଦି ଲକ୍ଷହାସଲ କରିପାରିବେ ତାହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ଡୁମେରପାଣି ହାଇସ୍କୁଲର ବାର୍ଷିକ ଉତ୍ସବ



**ନୂଆପଡ଼ା, ୧୨।୧(ସମିସ):** ଡୁମେରପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉମା ଠାକୁର, ସମ୍ମାନିତ ଅତିଥି ଭାବେ ଡୁମେରପାଣି ପଞ୍ଚାୟତର ସରପଞ୍ଚ ଟେକରାମ ସାହୁ, ଆମ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟିକେଶ୍ୱର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ କୌସ୍ତୁଭ କୁମାର ସା, 'ସକାଳ'ର ଜିଲ୍ଲା ପ୍ରତିନିଧି ଘନଶ୍ୟାମ ଭୋଇ, ସାମ୍ବାଦିକ କୁନୁ କରୁଆଁ, ଚନ୍ଦ୍ରଶେଖର ପଟେଲ, ଡୁମେରପାଣି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅମୀୟ ଜ୍ୟୋତି ପାଢ଼ୀ, ଅଁଳାଯୁବା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶରତ ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ନ୍ୟାସନାଲ ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗର ଅଧ୍ୟାପକ ସଚିନ ବାବୁ ଯୋଗଦେଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ସୁବାର୍ତ୍ତା ସହ ଶୁଭକାମନା କରି ଉତ୍ସାହିତ କରିଥିଲେ । ମୁଖ୍ୟବକ୍ତା ସଚିନ ବାବୁ ଛାତ୍ରଛାତ୍ରୀଙ୍କୁ ଭଲ ନାଗରିକ ହୋଇ ସୁନାମ ଅର୍ଜନ କରିବେ ସେଥିପାଇଁ ଚେଷ୍ଟା କରିବା ପାଇଁ କହିଲେ । ସର୍ବୋଚ୍ଚ ଉପସ୍ଥାନ, ଷ୍ଟୁଡେଣ୍ଟ୍ ଅଫ ଦି ଇଅର୍, ବେଷ୍ଟ ହାଉସ ଓ ବାର୍ଷିକ କ୍ରୀଡ଼ାରେ ଚାମ୍ପିଅନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବରିଷ୍ଠ ଶିକ୍ଷକ ମଦନ ବଡଗୁଛିଆ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବାବେଳେ ମଞ୍ଚ ପରିଚାଳନା ସୁଶାନ୍ତ ମୁଣ୍ଡ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ଅରୁଣ ସାହୁ, ଦୁର୍ଗାପ୍ରସାଦ ଶବର, ଶରତ ଗାୟକ୍ୱାଡ, ପୂର୍ଣ୍ଣିମାରାଣୀ ସାହୁ, ତୃପ୍ତିମୟୀ ବେହେରା, ନୟନା ସେଠ୍, ରୁନିପମା ଜେନା, ଉମାକାନ୍ତ ଭୋଇ, ମନୋଜ ଖଟୁଆ ଓ କୁମାରୀ ସସ୍ମିତା ମାଝୀ ଉପସ୍ଥିତ ଥିଲେ । ପୁରସ୍କାର ବିତରଣରେ ନିବେଦିତା ମେହେର, ଜଗନ୍ନାଥ ଗଜେନ୍ଦ୍ର ସିଂ, ଜୈତ୍ରାମ ରଣା, ଗଣେଶ ସାହୁ, ନିରୁପମା ପଟେଲ ଓ ଅଭିଭାବକ ଅଭିଭାବିକା ଯୋଗଦେଇଥିଲେ ।

## ଜିଲ୍ଲାସ୍ତରୀୟ ମିନି ମାରାଥନ



**କୋମନା, ୧୨।୧(ସମିସ):** ଜାତୀୟ ଯୁବ ଦିବସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ଉପଲକ୍ଷେ ନୂଆପଡ଼ା ଯୁବ କଂଗ୍ରେସ ଦ୍ୱାରା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଶାହାରୁଖ ଖାନଙ୍କ ନେତୃତ୍ୱରେ ୧୦ମ ଜିଲ୍ଲାସ୍ତରୀୟ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ମାରାଥନ୍ ଖରିଆର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ ହୋଇଥିଲା । ଉତ୍ସାହୀ ପ୍ରତିଯୋଗିତା ହୋଇଥିଲା ଯେଉଁଥିରେ ସୋନପୁର ଜିଲ୍ଲାର ଦୟାନିଧି ମୁଣ୍ଡା ଶୀର୍ଷ ସ୍ଥାନ ଅଧିକାର କରିଥିଲେ । ସେହିପରି ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲାର ରାଜକୁମାର ପ୍ରତାପ ଏବଂ କଳାହାଣ୍ଡି ଜିଲ୍ଲାର ପଙ୍କଜ ରାଣା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ମହିଳା ବିଭାଗ ସମାନ ପ୍ରତିଯୋଗିତାମୂଳକ ଥିଲା ଏଥିରେ ଧନମତି ମାଝୀ ବିଜେତା ହୋଇଥିଲେ । ଦାସମତୀ ଛତ୍ରିଆ, ଯମୁନା ବାହାଦୁର ଏବଂ ଯଶୋଦା ଛତ୍ରିଆ ଶ୍ରେଷ୍ଠ ଚାରି ସ୍ଥାନ ଅଧିକାର କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ମାଧବ ପ୍ରସାଦ ସାହୁ ଯୋଗଦେଇ ପୁରସ୍କାର ବିତରଣୀ ଉତ୍ସବରେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବାସହ ସମସ୍ତ ଅଂଶଗ୍ରହଣକାରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ । ବିରାଟ ତାଣ୍ଡି, ଉମା ବନଛୋର, ବଳରାମ ସରାଫ, ରାଜେଶ ପଣ୍ଡା, ଫୟେଜ ଅଲ୍ଲୀଙ୍କ ସମେତ ଯୁବନେତା ଓ ସ୍ୱେଚ୍ଛାସେବକମାନେ ମାରାଥନ୍ ଆୟୋଜନରେ ସହଯୋଗ କରିଥିଲେ ।

## ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**କୋମନା, ୧୨।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ଭେଳାସ୍ଥିତ ଡ. କାଟଜୁ ହାଇସ୍କୁଲ ୨୦୦୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ସୁନାବେଡ଼ା ଅଭୟାରଣ୍ୟର ରାଣୀ ମୁହାସରେ ରବିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆୟୋଜନରେ ଅଭିସେଖ ଦଣ୍ଡସେନା, ନଟ ଆଡ଼ବଙ୍ଗ, ଶକ୍ତିଶେଖର ମିଶ୍ର, ଉଦିତ ମିଶ୍ର, ଗୁଣସାଗର ଦଣ୍ଡସେନା ଓ ପ୍ରଶାନ୍ତ ଦୁରିଆ ସହଯୋଗ କରିଥିଲେ । ଡ. ଅଜିତ ଭୋଇ, ତାପସ ରଞ୍ଜନ ଯୋଷୀ, କେଶରଞ୍ଜନ ରଣା, ମନୋଜ ସାହୁ, ପ୍ରଫୁଲ୍ଲ ପଣ୍ଡା, ଚୈତନ୍ୟ ମାଝୀ, ହନିଫ ମହମ୍ମଦ, ସୁରେଶ ସଗରିଆ, ପ୍ରଦୀପ ତାଣ୍ଡୀ ଓ ପଦ୍ମଲୋଚନ ମାଝୀ ଉପସ୍ଥିତ ଥିଲେ ।

### ● ସହରବାସୀଙ୍କୁ ବାନ୍ଧି ରଖିଲା ପଥ ଉତ୍ସବ

## କଳା, ସଂସ୍କୃତି, କ୍ରୀଡ଼ା କୌଶଳ ଦେଖି ପଥଚାରୀ ଅଭିଭୂତ



**ଭବାନୀପାଟଣା, ୧୨ ।୧ (ସମିସ):** ଏକ ଅନୁଭବର କଥା ହିଁ 'କଳା' । ବେଳେବେଳେ କଳା ସଂସ୍କୃତି ଓ ବିଶ୍ୱାସକୁ ଅଧିକ ପ୍ରଭାବିତ କରିଥାଏ । କଳାତ୍ମକ ଚିତ୍ର, କଳାକୃତି, ବ୍ୟାୟାମ, ସର୍ବୋପରି ନୃତ୍ୟ କଳା ଏବଂ ସଙ୍ଗୀତ ସବୁ ଯେମିତି ଈଶ୍ୱରଙ୍କ ଦାନ । ସୃଜନଶୀଳତା ଓ ଜ୍ଞାନ କୌଶଳ ଭିନ୍ନ ଭିନ୍ନ ବେଶ ପୋଷାକର ସମିଶ୍ରଣରେ ପ୍ରସ୍ତୁତ ପଥ ଉତ୍ସବ (ରାହାଗିରି) ସହରବାସୀଙ୍କ ମନକୁ ଛୁଇଁ ଢେର ଆନନ୍ଦ ଓ ଖୁସି ଦେଇପାରିଛି । ଏହି ଅବସରରେ କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ସହିତ କ୍ରୀଡ଼ା କୌଶଳର ମହା ମିଳନସ୍ଥଳ ପାଲଟିଥିଲା ସଡ଼କ । ନାଚଗୀତ, ପ୍ରଥା, ପରମ୍ପରାର ନିଦର୍ଶନ ସହିତ ନିଜର ପ୍ରତିଭାର ପ୍ରଦର୍ଶନ ପାଇଁ ସମସ୍ତେ ଓହ୍ଲାଇ ଆସିଥିଲେ ରାସ୍ତାକୁ । ଭଳିକି ଭଳି ଦୃଶ୍ୟ ସମସ୍ତଙ୍କୁ ଅଭିଭୂତ କରି ପକାଉଥିଲା । ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ, ଜିଲ୍ଲା, ରାଜ୍ୟ ଓ ଦେଶର ବିଭିନ୍ନ ପ୍ରସଙ୍ଗକୁ ନେଇ ରଙ୍ଗୋଲି, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ନୃତ୍ୟ କଳା ପ୍ରଦର୍ଶନ, ପଥପ୍ରାନ୍ତ ବିଜ୍ଞାନ ପ୍ରଦର୍ଶନୀ, ମହାକୁମ୍ଭ ମେଳାକୁ ନେଇ ଆକର୍ଷଣୀୟ ବାଲୁକା କଳା, କରାଟେ, ଟାଇକୋଣ୍ଡୋ, ଯୋଗ, କ୍ଷୁଦ୍ର ନାଟିକା, ଶାରୀରିକ କ୍ରୀଡ଼ା କୌଶଳ ସହିତ ବାଇକ ଷ୍ଟଣ୍ଟକୁ ଦିନସାରା ହଜାର ହଜାର ଲୋକେ ଉପଭୋଗ କରିଥିଲେ । ଭବାନୀପାଟଣା ସହରର ଜେଲଛକଠାରୁ ଷ୍ଟେଟବ୍ୟାଙ୍କ ଛକ ଯାଏଁ ଏଭଳି ଦୃଶ୍ୟ ଦେଖିବାକୁ ମିଳଥିଲା । କେବଳ ପ୍ରତିଭାଗୀ, କଳାକାର କିମ୍ବା ସାଧାରଣ ଲୋକେ ନୁହଁନ୍ତି; ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ସମସ୍ତେ ଏହାକୁ ଉପଭୋଗ କରିବା ସହିତ ପଥୋତ୍ସବରେ ସାମିଲ ହୋଇଥିଲେ । ଲୋକସଭା ସାଂସଦ ମାଳବିକା ଦେବୀ, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲ୍ଲାପାଳ ମମତା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପଥୋତ୍ସବ ଉପ କମିଟିର ଅଧ୍ୟକ୍ଷ ଡ. ଅଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ କମିଟିର କର୍ମକର୍ତ୍ତା ସଞ୍ଜୟ କୁମାର, ମୁକୁନ୍ଦ ରେଡ଼ୀ, ବିରଞ୍ଚି ନାରାୟଣ ପଣ୍ଡା, ଶାନ୍ତନୁ ମୁଣ୍ଡ, ଶେଖ ମୁନାୱର, ଭବାନୀ ପଟ୍ଟନାୟକ, ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ଟି. ସୁଜାତା ଆଚାରୀ, ରୋହିତ ଦୁର୍ଗାଙ୍କ ସମେତ ଅନ୍ୟମାନେ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପୁଲିସ ଓ ଏନସିସି କ୍ୟାଡେଟ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ ।

## ଜିଲ୍ଲାସ୍ତରୀୟ ୟୁଟ୍ୟୁବର ସଂଘ ଗଠିତ

**ନୂଆପଡ଼ା, ୧୨।୧(ସମିସ):** ନୂଆପଡ଼ା ଜିଲ୍ଲା ତିଖାଳିସ୍ଥିତ ଡାକବଙ୍ଗଳାରେ ଜିଲ୍ଲାସ୍ତରୀୟ ୟୁଟ୍ୟୁବର ସଂଘ ଗଠିତ ହୋଇଯାଇଛି । ଟିକେଶ୍ୱର ହଂସଙ୍କ ଅଧ୍ୟକ୍ଷତାରେ ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ବଛାବଛା ୟୁଟ୍ୟୁବରମାନେ ଯୋଗଦେଇଥିଲେ । ଦିନକୁ ଦିନ ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ୟୁଟ୍ୟୁବରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହୁଛି । ହେଲେ ଏମାନଙ୍କୁ ଆଶାନୁରୂପ ସମ୍ମାନ ସହ ମର୍ଯ୍ୟାଦା ମିଳିପାରୁନି । ୟୁଟ୍ୟୁବରମାନଙ୍କୁ କେମିତି ସମ୍ମାନ ମିଳିବାସହ କିପରି ଏକ ପରିଚୟ ସୃଷ୍ଟି ହେବ ଏଥିପ୍ରତି ଆଲୋଚନା କରାଯାଇଥିଲା । ମହେନ୍ଦ୍ର ସୁନାରିଙ୍କୁ ସଭାପତି ଓ ଟିକେଶ୍ୱର ହଂସଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି । ରମଣ ଦୁରିଆ, ରାଜକିଶୋର ରଣା, ଭୁଜ ବାଗ, ଚିତ୍ତରଞ୍ଜନ ପ୍ରଧାନ, ତିଳ ରାଉତ, ଟୁନା ଭୋଇ, ଧ୍ରୁବରଞ୍ଜନ ବାଗ, ଭରତ ନିଆଲ ଓ ସୁନୀଲ ହଂସ ପ୍ରମୁଖ ଯୋଗଦେଇଥିଲେ ।

## ପିରାମଲ୍ ଫାଉଣ୍ଡେସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ଆଲୋଚନାଚକ୍ର



**ନୂଆପଡ଼ା, ୧୨।୧(ସମିସ):** ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ୍) ସଭାଗୃହରେ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ ଅଧୀନ ବିକାଶ ସହଯୋଗୀ ଭାବରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ପିରାମଲ୍ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲାର ସାମ୍ବାଦିକ, ଗଣମାଧ୍ୟମ ପ୍ରତିନିଧି ଓ କମ୍ୟୁନିଟି ରେଡିଓ ପ୍ରତିନିଧିମାନଙ୍କୁ ନେଇ 'ସଲ୍ୟୁସନ୍ ଜର୍ଣ୍ଣାଲିଜିମ୍' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ଆକାଂକ୍ଷା ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମରେ ଗଣମାଧ୍ୟମର ଭୂମିକା ଓ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା । ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସମ୍ମାନିତ ଅତିଥି ଭାବରେ ଏନ୍‌ଜେଡ୍‌ଏସ୍‌ଏସ୍‌ର ସଭାପତି ସୁରେଶ ଆଚାରୀ ଓ ମୁଖ୍ୟବକ୍ତା ଭାବରେ ନୂଆପଡ଼ା ସାମ୍ବାଦିକ ଆସୋସିଏସନ(ଜାନ୍)ର ସଭାପତି ଘନଶ୍ୟାମ ଭୋଇ ଉପସ୍ଥିତ ଥିଲେ । ଜିଲ୍ଲାରୁ ୨୫ ଜଣ ସାମ୍ବାଦିକ, ଗଣମାଧ୍ୟମ ପ୍ରତିନିଧି ଓ ରେଡିଓ ପାର୍ଟନର ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜର ପକ୍ଷ ଓ ଆଗାମୀ ଦିଗରେ ସାମ୍ବାଦିକତାକୁ ସୁଦୃଢ଼ କରିବା ଦିଗରେ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ପିରାମଲ ଫାଉଣ୍ଡେସନ ପକ୍ଷରୁ ଜଏ ପ୍ରଧାନ, ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ବି.ଏନ୍. ଦୁର୍ଗା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିକ୍ରମ କେଶରୀ ରଣା, ଦେବାଶିଷ ଘୋଷ, ନର୍ଗିସ ପରୱିନ୍, ଶ୍ରୱନ ପାଶୱାନ, ୱର୍ଷା ନାଗର ଓ ଭବାନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ; ୱାଇଏମ୍‌ସିକୁ ହରାଇ ବିଲାସପୁର ଚାମ୍ପିଅନ



**ନୂଆପଡ଼ା, ୧୨।୧(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଶେରସା ବିଲାସପୁର ଟିମ୍ ନୂଆପଡ଼ା ୱାଇଏମସିକୁ ହରାଇ ଚାମ୍ପିଅନ ହୋଇଛି । ୱାଇଏମ୍‌ସି ନୂଆପଡ଼ା ପ୍ରଥମେ ବ୍ୟାଟିଂ କରି ୨୧ ଓଭରରେ ସମସ୍ତ ୱିକେଟ ହରାଇ ୯୮ ରନ ସଂଗ୍ରହ କରିଥିଲେ । ଜବାବରେ ଶେରସା ବିଲାସପୁର ୧୧ ଓଭର ୧ ବଲରେ ୨ ୱିକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲେ । ୮ୱିକେଟରେ ଶେରସା ବିଲାସପୁର ବିଜୟୀ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଓଡ଼ିଶା କ୍ରିକେଟ ଆସୋସିଏସନ ପୂର୍ବତନ ଉପସଭାପତି ସରୋଜ ସାହୁ, ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଖରିଆରରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ.ସୋନିଆ ଜୈନ, ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇଥିଲେ । ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ପ୍ରକାଶ ସାହୁ, ବରିଷ୍ଠ ଆଇନଜୀବୀ ସୁଶାନ୍ତ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ବିଲାସପୁର ଟିମ୍‌ର ମୋହିତ ରାଉତ ଏବଂ ନୂଆପଡ଼ାର ମହମ୍ମଦ ନମନଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଛି । କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀଙ୍କ ଅର୍କେଷ୍ଟ୍ରା ମୁଖ୍ୟ ଆକର୍ଷଣ ଥିଲା । ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବ ସଭାପତି ବାପି ଦାସ, ସମ୍ପାଦକ ତପନ ବଗର୍ତ୍ତୀ, ବାବି ମହଲା, ଜାନୁ ମିଶ୍ର, ଟିପୁ ଖାନ, ଜିତୁ ହୋତା ଓ ପ୍ରତୀକ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ମାଁ ଝରନେନ ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ନୂଆଗାଁ ଓ ସାଲେଭଟା ଟିମ୍

**କୋମନା, ୧୨।୧(ସମିସ):**

କୋମନା ବ୍ଲକ କାମକେଡା ଗ୍ରାମ ଖେଳପଡ଼ିଆରେ ଜେଡିସିଏ ଦ୍ୱାରା ଚାଲିଥିବା ୮ମ ମାଁ ଝରନେନ ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ନୂଆଗାଁ ଓ ସାଲେଭଟା ଟିମ୍ ଫାଇନାଲରେ ପ୍ରବେଶ କରିଛି । ପ୍ରଥମ ସେମିଫାଇନାଲ ମ୍ୟାଚ ନୂଆଗାଁ ଓ ବହଳମୁଣ୍ଡା ଟିମ୍ ମଧ୍ୟରେ ଖେଳାଯାଇଥିଲା । ଏଥିରେ ନୂଆଗାଁ ଟିମ୍ ଟସ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା । ବହଳମୁଣ୍ଡା ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୧୧୯ ରନ ସଂଗ୍ରହ କରିଥିଲା । ଜବାବରେ ନୂଆଗାଁ ଟିମ୍ ୧୨୦ ରନ କରି ବିଜୟୀ ହୋଇ ପ୍ରଥମଦଳ ଭାବରେ ଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସାଲେଭଟା ଓ ରହେନଭଟା ଟିମ୍ ମଧ୍ୟରେ ଖେଳାଯାଇଥିଲା । ସାଲେଭଟା ଟିମ୍ ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ଓଭରରେ ୧୪୦ ରନ କରିଥିଲା । ବିଜୟ ଲକ୍ଷ୍ୟ ନେଇ ରହେନଭଟା ଟିମ୍ ୭୯ ରନ କରି ପରାସ୍ତ ହୋଇଥିଲା । ଫଳରେ ସାଲେଭଟା ଟିମ୍ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ମୁଖ୍ୟଅତିଥି ଭାବରେ ପୂର୍ବତନ ଶିକ୍ଷକ ତଥା ନୂଆପଡ଼ା ଜିଲ୍ଲା ଡମ୍ବଗଣା ସମାଜ ସଭାପତୀ ହରିକେଶ ଜାଲ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅର୍ଥସେବାର ରାକେଶ ପରୁଆ, ସମିତି ସଭ୍ୟ ଡୋଳାମଣୀ ଶବର, ଭାରତୀୟ ଆର୍ମି ସେବାରେ ଥିବା ବୁଦ୍ଧଦେବ ଶବର, କୋଶଳ୨୪ ସମ୍ପାଦକ ଭାଗିରଥି ଭୋଇ, ସନ୍ୟାସୀ ଜାଲ, ଖଗେନ୍ଦ୍ର ଶବର ଓ କେଶବ ବେମାଲ ପ୍ରମୁଖ ଯୋଗଦେଇଥିଲେ । ଗୁପ୍ତେଶ୍ୱର ସିନ୍ଦୂର ଓ ତିର୍ଥଚରଣ ଶବର ଖେଳ ପରିଚାଳନା କରିଥିଲେ । ସ୍କୋର୍‌ରେ ଅମୃତ ସାଗର ଭୋଇ ଥିବା ବେଳେ ଅସିଫ ବେଗ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟିର ସଭାପତି ପିନୁ ଶବର, ସମ୍ପାଦକ ଶରତ ଶବର, ଦୁଷ୍ମନ୍ତ ଶବର, ହନ୍ତକ ଶବର, ତନୟ ଶବର, ଆକାଶ ଶବର ଓ ବିକାଶ ଶବର ପ୍ରମୁଖ ସହଯୋଗ କରୁଛନ୍ତି ।



## କନର୍ଲାରେ ଆଦିବାସୀଙ୍କ ଟୋକିମରା ପର୍ବରେ ଚଢ଼ଉ ଘଟଣା

# ପରିସ୍ଥିତିକୁ ଜଟିଳ କରୁଛି ପୁଲିସ, ଅବକାରୀ

**ଭବାନୀପାଟଣା, ୧୨ ।୧(ସମିସ):**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ତଥା ସଦର ଥାନା କନର୍ଲା ଗାଁରେ ଆଦିବାସୀଙ୍କ ପର୍ବ ଚାଲିଥିବା ସମୟରେ ଅବକାରୀ ଚଢ଼ଉ ବିବାଦୀୟ ହୋଇପଡ଼ିଛି। ଏଥି ପରବର୍ତ୍ତୀ ଆକ୍ରମଣ, ପ୍ରତି ଆକ୍ରମଣର ନିରପେକ୍ଷ ତଦନ୍ତ, ପୁରୁଷ- ମହିଳା ଓ ଶିଶୁଙ୍କ ଉପରେ ଅବକାରୀ ବିଭାଗ ଦ୍ୱାରା ଅମାନୁଷିକ ଆକ୍ରମଣ ଉପରେ ଦଳିତ ଆଦିବାସୀ ମହାସଂଘ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।



- ସ୍ଥିତି ପରଖିଲା ଦଳିତ, ଆଦିବାସୀ ମହାସଂଘ
- ଚଢ଼ଉ ନାଁରେ ଆଦିବାସୀଙ୍କ ଧର୍ମୀୟ ବିଶ୍ୱାସ ଓ ପରମ୍ପରା ଉପରେ କୁଠାରାଘାତ
- ଅବକାରୀ କର୍ମଚାରୀଙ୍କ ମାଡ଼ରେ ୩ ଶିଶୁ, ୫ ବୃଦ୍ଧବୃଦ୍ଧା ସମେତ ୩୨ ଆହତ
- ୪ ଦିନ ହେଲା ଜଳୁନି ଚୁଲି, ପୁଲିସ ଭୟରେ ଜଙ୍ଗଲରେ ଲୁଚିଛନ୍ତି ଗାଁ ଲୋକେ
- ଶାନ୍ତି କମିଟି ଗଠନ ସହ ଗାଁରେ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରୁନି ପ୍ରଶାସନ

ଗତ ଗୁରୁବାର ସଦର ଥାନା ଭଟାଙ୍ଗପଦର ପଞ୍ଚାୟତ କନର୍ଲା ଗାଁରେ ସେମି ଯାତ୍ରା ତଥା ଟୋକିମରା ପର୍ବ ଚାଲିଥିବାବେଳେ ହଠାତ ଅବକାରୀ ବିଭାଗ ଦ୍ୱାରା ଅତର୍କିତ ଚଢ଼ଉ କରାଯାଇଥିଲା। ଅବକାରୀ ବିଭାଗ କର୍ମଚାରୀ ଦେଶୀ ରନ୍ଧା ମଦ ଜବତ କରିବା ନାଁରେ ଜୋତା ପିନ୍ଧି ଧରଣୀ ଗୁଡ଼ି ଓ ପୂଜାସ୍ଥଳ ମଧ୍ୟକୁ ପଶିଯିବାରୁ ଗାଁ ଲୋକେ ବାରଣ କରିଥିଲେ। ତେବେ ଅବକାରୀ ବିଭାଗର କର୍ମଚାରୀ ଗାଁ ଲୋକଙ୍କୁ ଦେଶୀ ମଦ ରାନ୍ଧି ବିକ୍ରି କରୁଛ ବୋଲି ଅଭିଯୋଗ କରି ଗାଳିଗୁଲଜ କରିବା ସହିତ ପୂଜାସ୍ଥଳରେ ଫିଙ୍ଗାଫୋପଡ଼ା କରିଥିଲେ। ପରବ ଚାଲିଥିବାବେଳେ ଏହି ଚଢ଼ଉକୁ ଗାଁ ଲୋକେ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଅବକାରୀ ବିଭାଗର କର୍ମଚାରୀ ରାଗିଯାଇ ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ତେବେ ଗାଁ ଲୋକଙ୍କ ପ୍ରତିବାଦ ଓ କମ ସଂଖ୍ୟକ ଅବକାରୀ କର୍ମଚାରୀ ଥିବାରୁ ସେମାନେ ଫେରିଯାଇଥିଲେ। ପରିଣାମ ସ୍ୱରୂପ ସଦର ଥାନାରେ ଅବକାରୀ ବିଭାଗ ପକ୍ଷରୁ ଏତାଲା ଦିଆଯାଇ ୧୦ଜଣ ଗ୍ରାମବାସୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଣି ପୁଲିସ ଫୋର୍ସ ସହିତ ଗାଁକୁ ଯାଇ ପୁରୁଷ, ମହିଳା ସମସ୍ତଙ୍କୁ ଘରୁ ଡାକିଆଣି ତଥା ଗୋଡ଼ାଇ ଗୋଡ଼ାଇ ନିର୍ଘାତ ମାଡ଼ ମରାଯାଇଛି। ପୁଲିସର ଆକ୍ରମଣ ଓ ବର୍ବରତାକୁ କେହି କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ୬ ମାସର ଶିଶୁଠାରୁ ଆରମ୍ଭ କରି ୮୦ ବର୍ଷ ବୟସର ବୃଦ୍ଧବୃଦ୍ଧା ବି ମାଡରୁ ବାଦ ପଡ଼ିନାହାନ୍ତି। ଅବକାରୀ ବିଭାଗର ଅଧିକାରୀଙ୍କୁ ଆକ୍ରମଣ ଅଭିଯୋଗରେ ୧୦ରୁ ଅଧିକ ଲୋକଙ୍କୁ ଉଠାଇ ନିଆଯାଇଛି। ଏବେ ପୁଲିସର ଗିରଫଦାରି ଭୟରେ କନର୍ଲା ଗାଁ ପୁରୁଷ ଶୂନ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ ମହାସଂଘର ସଭାପତି ପରମାନନ୍ଦ ମାଝୀ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ମହାସଚିବ ଦେବୀ ପ୍ରସାଦ ସିନ୍ଧୁର ଓ ସାଧାରଣ ସମ୍ପାଦକ ସୁଶୀଲ ବାଗ, ସଦସ୍ୟ ରମେଶ ଚନ୍ଦ୍ର ନାଏକଙ୍କୁ ନେଇ ଏକ ୫ ଜଣିଆ ପ୍ରତିନିଧି ଦଳ କନର୍ଲା ଗାଁ ଗସ୍ତ କରି ତଥ୍ୟ ସଂଗ୍ରହ କରିଛନ୍ତି। ତଥ୍ୟ ସଂଗ୍ରହ ପରେ ଗାଁରେ ମଦ ରନ୍ଧା ହେଉ ନ ଥିଲା। ପରବ ଚାଲିଥିବା ହେତୁ ଏବଂ ଆଦିବାସୀ ପରମ୍ପରାରେ ମଦ ଦେବାଦେବୀଙ୍କ ଭୋଗ ଭାବେ ଲାଗି ହେଉଥିବାରୁ ସେମାନେ ତାହା କିଣିକି ଆଣିଥିଲେ। ସେହିପରି ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ଜୋତା ପିନ୍ଧି ଧରଣୀ ଗୁଡ଼ିକୁ ପ୍ରବେଶ କରିବା ସହିତ ଚଢ଼ଉ ନାଁରେ ପୂଜାସ୍ଥଳରେ ଫିଙ୍ଗାଫୋପଡ଼ା କରିବାରୁ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି ଅବକାରୀ ବିଭାଗ ଆଦିବାସୀଙ୍କ ଧର୍ମୀୟ ବିଶ୍ୱାସ ଓ ପରମ୍ପରା ଉପରେ ଆଘାତ ପହଞ୍ଚାଇବାରୁ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ ବୋଲି କୁହାଯାଇପାରେ। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହେବା ସତ; କିନ୍ତୁ ଗାଁର ସରଳ, ନିରୀହ ଆଦିବାସୀମାନଙ୍କ ଅପେକ୍ଷା ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ଉନ୍ନତ ଧରଣର ତାଲିମପ୍ରାପ୍ତ। ସେମାନେ ଚାହିଁଲେ ଏହି ଅଘଟଣକୁ ଏଡାଇ ଦିଆଯାଇ ପାରିଥାନ୍ତା। ଘଟଣାର ପରବର୍ତ୍ତୀ ଦିନ ଅର୍ଥାତ ଶୁକ୍ରବାର ୧୪ଟି ଗାଡ଼ିରେ ଅବକାରୀ ବିଭାଗ ଓ ପୁଲିସ ବାହିନୀ ଗିରଫଦାରୀ ନାଁରେ ଗାଁରେ ଦୀର୍ଘ ସମୟ ଯାଏଁ ଆତଙ୍କରାଜ ଖେଳାଇବା ସମସ୍ତ ସଭ୍ୟ ସମାଜକୁ ବ୍ୟଥିତ କରିଛି। ଆଜିକୁ ତିନିଦିନ ହେଲା ଗାଁରେ ସମସ୍ତଙ୍କ ଘରେ ତାଟି କବାଟ ପଡ଼ିଛି। ଗିରଫ ଭୟରେ ଗାଁର ପୁରୁଷ ମହିଳା ପ୍ରବଳ ଶୀତ ସତ୍ତ୍ୱେ ପିଲାଛୁଆ ଧରି ଜଙ୍ଗଲରେ ଲୁଚିଛନ୍ତି। ଗାଁର ୩ ଜଣ ଶିଶୁ, ୫ ଜଣ ବୃଦ୍ଧବୃଦ୍ଧାଙ୍କ ସମେତ ୩୨ ଜଣ ପୁରୁଷ, ମହିଳା ପୁଲିସ ଓ ଅବକାରୀ ବିଭାଗର ମାଡ଼ରେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଭୟରେ ଆଜି ପର୍ଯ୍ୟନ୍ତ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ହୋଇପାରିନାହି ବୋଲି ସେମାନେ ଦର୍ଶାଇଛନ୍ତି। ଦଳିତ, ଆଦିବାସୀ ମହାସଂଘ ତରଫରୁ ଏ ନେଇ ଏସପିଙ୍କୁ ଦାବିପତ୍ର ପଠାଯାଇଛି। ଗାଁରେ ଭୟର ବାତାବରଣ ଦୂରେଇବାକୁ ଏକ ଶାନ୍ତି କମିଟି ଗଠନ ପାଇଁ ପଦକ୍ଷେପ ନିଆଯିବା, ଗାଁରେ ଶାନ୍ତି ଫେରି ଆସିବା ପର୍ଯ୍ୟନ୍ତ ପୁଲିସର ଗିରଫଦାରି ବନ୍ଦ କରାଯିବା, ନିରପେକ୍ଷ ତଦନ୍ତ ସହିତ ଉଭୟ ପକ୍ଷର ଦୋଷୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା, ପୁଲିସ ଆକ୍ରମଣରେ ଲହୁଲୁହାଣ ହୋଇଥିବା ଗୁରୁତର ଆହତମାନଙ୍କୁ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଯିବା ସହିତ ପୁଲିସ ପ୍ରଶାସନର ଆବଶ୍ୟକ ଅନୁମତି ହେଲେ ଦଳିତ, ଆଦିବାସୀ ମହାସଂଘ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିବା ଦର୍ଶାଯାଇଛି। ସେହିପରି ଆଦିବାସୀଙ୍କ ଧର୍ମୀୟ ବିଶ୍ୱାସ ଓ ଭାବନା ପ୍ରତି ଆଘାତ ପହଞ୍ଚାଇଥିବା ଭଳି ସ୍ପର୍ଶକାତର ଘଟଣା ଘଟିଥିବାରୁ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ଗାଁ ଲୋକଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ନେବାକୁ ମହାସଂଘ ଦାବି କରିଛି।

## ଆଜି ପୁଷ୍ପୁନି; ଆଉ ଶୁଭୁନି ଛେର୍ ଛେରା ଗୀତ

**କେସିଙ୍ଗା, ୧୨ ।୧(ସମିସ):** ସୋମବାର ପୌଷ ପୂର୍ଣ୍ଣିମା। ଏହି ଦିନକୁ ପଶ୍ଚିମ ଓଡ଼ିଶାରେ ପୁଷ୍ପୁନି ଭାବେ ପାଳନ କରାଯାଏ। ଏହା ମାଲିକ ଓ ହଳିଆର ଅନୁବନ୍ଧନର ପ୍ରମାଣ ଦିନ। ଏହିଦିନ ମାଲିକ ଓ ହଳିଆ ମଧ୍ୟରେ ନୂତନ ଅନୁବନ୍ଧନ ହୋଇଥାଏ। ମାଲିକ ଘରେ ହଳିଆ ବର୍ଷସାରା ଖଟିଥାଏ; ହେଲେ ପ୍ରତିବଦଳରେ ପୌଷ ପୂର୍ଣ୍ଣିମା ଦିନ ପଇସା ସହ ଧାନ ନେଇଥାଏ। ଆଜିର ଆଧୁନିକ ଯୁଗରେ ଆଉ ସେହି ପୁରୁଣା ପରମ୍ପରା ଦେଖାଯାଉ ନାହିଁ। ଆଉ ଦାଣ୍ଡ ଦୁଆରେ ବାଡ଼ି ଖଣ୍ଡେ ଧରି ତଳେ ବାଡେଇ ବାଡେଇ ଛେର୍ ଛେରାର ସୁନ୍ଦର ଗୀତ 'ଛେର ଛେର ଛେରା ଇ ଘର ବୁଢ଼ି କାହିଁ ଗଲା ଲିଆ ଖାଇ ଖାଇ ଛେରେଇ ହେଲା' ଶୁଭୁନି। ଅବଶ୍ୟ କେତେକ ଯୁବକ ଏକତ୍ରିତ ହୋଇ ଗାଁର ଘର ଘର ବୁଲି ଛେରଛେରା ଗୀତ ଗାଇ ଚାଉଳ, ପଇସା, ପନିପରିବା ସଂଗ୍ରହ କରିଥାନ୍ତି। ଶେଷରେ ସମସ୍ତେ ମିଳିମିଶି ସଂଗ୍ରହ ହୋଇଥିବା ଜିନିଷରେ ଗାଁର ଶେଷ ମୁଣ୍ଡରେ ଭୋଜିଭାତ କରିଥାନ୍ତି।

## କେସିଙ୍ଗାରେ ସ୍ୱାଭାବିକ ହେଲା ଜଳ ଯୋଗାଣ

**କେସିଙ୍ଗା, ୧୨ ।୧(ସମିସ):** କେସିଙ୍ଗା ସହରରେ ଶେଷରେ ଜଳ ଯୋଗାଣ ସ୍ୱାଭାବିକ ହୋଇଛି। ଜଗନ୍ନାଥ ମନ୍ଦିର ଛକ ନିକଟ ୨୬ନମ୍ବର ଜାତୀୟ ରାଜପଥରେ ଜଳ ଯୋଗାଣ ମୁଖ୍ୟ ପାଇପ୍ ଲାଇନ ଫାଟି ଯାଇଥିଲା। ଏଣୁ ସହରକୁ ଦୁଇ ଦିନ ହେଲା ପାନୀୟ ଯୋଗାଣ ବନ୍ଦ ରହିଥିଲା। ଜଳ ଯୋଗାଣ ନ ହେବାରୁ ପଡ଼ାବାସୀ ସ୍ଥାନୀୟ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶେଷରେ ସମସ୍ୟାର ସମାଧାନ ହୋଇଛି।

# ଅବକାରୀ ଏଏସ୍ଆଇଙ୍କ ମାଡ଼ରେ କନଷ୍ଟେବଳ ଘାଇଲା

ଭବାନୀପାଟଣା, ୧୨ ।୧(ସମିସ): ଭବାନୀପାଟଣା ସଦର ଥାନା କନର୍ଲା ଗାଁରେ ଅବକାରୀ ଚଢ଼ଉରୁ ଆରମ୍ଭ ହୋଇଥିବା ବିବାଦ ଏଯାଏଁ ଥମିନି। ତେବେ ରବିବାର ଅବକାରୀ ବିଭାଗର ଏଏସଆଇଙ୍କ ମାଡ଼ରେ ଗୁରୁତର ଆହତ ହୋଇ ଜଣେ କନଷ୍ଟେବଲ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାଟି ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ଅଭିଯୋଗ ଗ୍ରହଣ କରିଛି; କିନ୍ତୁ ପ୍ରଥମେ ତଦନ୍ତ ଓ ପରେ ମାମଲା ରୁଜୁ ହେବ ବୋଲି କହିଛି। ଏହାକୁ ନେଇ ସଦର ଥାନା ସାମ୍ନାରେ ଦୀର୍ଘ ସମୟ ଯାଏଁ ହୋହଲ୍ଲା ହୋଇଛି। ଅଭିଯୋଗ ଅନୁସାରେ ଅବକାରୀ ଅଧିକ୍ଷକ ରଞ୍ଜନ ନାଏକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ସଦର ବ୍ଲକ ଡାଲଗୁମାରେ ଏକତ୍ରିତ ହୋଇଥିଲେ। ସେଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମ. ରାମପୁର ବ୍ଲକ ଅଞ୍ଚଳରେ ନିଯୁକ୍ତ ଏଏସଆଇ ଦେବାଶିଷ ସିରଦାର କନଷ୍ଟେବଲ ଡୁଲେଶ୍ୱର ପ୍ରଧାନଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅବକାରୀ ଅଧିକ୍ଷକଙ୍କ ଉପସ୍ଥିତିରେ ସବୁ ଘଟିଛି। ତେବେ ଏହି ମାଡ଼ ଘଟଣା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଡୁଲେଶ୍ୱରଙ୍କ ସପକ୍ଷରେ ଅନ୍ୟ କନଷ୍ଟେବଲମାନେ ବାହାରିଛନ୍ତି। ମାଡ଼ ମାରିଥିବା ଏଏସଆଇଙ୍କ ବିରୋଧରେ ସେମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଶାନ୍ତିଶୃଙ୍ଖଳାରେ ସରିଲା ଟୋକିମରା ପର୍ବ

**ଥୁଆମୂଳ ରାମପୁର, ୧୨।୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ରବିବାର ଆଦିବାସୀ ପରମ୍ପରାର ମହାନ ପର୍ବ ଟୋକିମରା ପର୍ବ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ସିନ୍ଧିପଦର ପଞ୍ଚାୟତ ଅଧୀନ ଟେଭାକଲମ, କାଣିଗୁମା ପଞ୍ଚାୟତର ଧୂଳିଗୁଡା, ଗୁଣପୁର ପଞ୍ଚାୟତର ରଣପୁର ଏବଂ ତଳ ଆମ୍ବପଦର ପଞ୍ଚାୟତ ଚୁଲବାଡିରେ ଧୁମଧାମରେ ଏହା ପାଳିତ ହୋଇଛି। ପାରମ୍ପରିକ ରୀତିନୀତି ଅନୁସାରେ ଗ୍ରାମର ଜାନି ଓ ଦିଶାରୀ ଗାଁ ମଝିରେ ଥିବା ଦେବତା ଗୁଡିରେ ପୂଜାର୍ଚ୍ଚନା କରି ପରେ ଗାଁ ମୁଣ୍ଡର ଧରନୀ ଭଟା(ପଡ଼ିଆ) ପାଖରେ ଟୋକିମରା ପର୍ବ ପୂଜା ଆରମ୍ଭ କରିଥିଲେ। ପରେ ଅଞ୍ଚଳର ସମସ୍ତଙ୍କ ମଙ୍ଗଳମୟ ଜୀବନର କାମନା ସ୍ୱରୂପ ଗ୍ରାମର ଇଷ୍ଟଦେବୀ ମାଟି ମା' ମାଟି ଦେବତାଙ୍କୁ ଆବାହନ କରାଯାଇଥିଲା। ତେବେ ଟୋକିମରା କହିଲେ ବହୁବର୍ଷ ପୂର୍ବରୁ ପାରମ୍ପରିକ ନୀତି ଅନୁଯାୟୀ ଏକ କନ୍ୟାକୁ ବଳି ଦେବାର ପ୍ରଥା ରହି ଆସିଥିବା ଇତିହାସରୁ ଜଣାପଡେ। ଏଣୁ ଏହାକୁ ଟୋକିମରା ପର୍ବ ବୋଲି କୁହାଯାଏ। ପରେ ପରେ ଆଧୁନିକ ସଭ୍ୟତା ମଧ୍ୟରେ ଏହାର ସ୍ୱରୂପ ବଦଳି ଯାଇଛି। ଟୋକି(କନ୍ୟା) ପୂର୍ବକ ବୋଦାକୁ ବଳି ଦେଇ ମାଟି ଦେବତାଙ୍କ ନିକଟରେ ସମର୍ପିତ କରାଯାଉଛି। ଦେବୀଙ୍କ ପୀଠରେ ପୂର୍ବ ବର୍ଷ ପୋତା ଯାଇଥିବା ଅସ୍ତ୍ରକୁ ବାହାର କରି ମାର୍ଜନା କରିବା ପରେ ପାରମ୍ପରିକ ବାଦ୍ୟ ସହ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଆଖପାଖ ବନ୍ଧୁ ଗ୍ରାମରୁ ଶହ ଶହ ଆଦିବାସୀ ଏକାଠି ହୋଇଥିଲେ। ସମସ୍ତେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନାଚଗୀତ କରିଥିଲେ। ଗାଁ ମୁଣ୍ଡରେ ଥିବା ଧରଣୀ ପେନୁ ନିକଟରେ ସମସ୍ତେ ପହଞ୍ଚିବା ପରେ ସେଠାରେ ବଳି ଦିଆଯାଇଥିଲା। ବଳି ଅଂଶକୁ ଆଖପାଖ ଗାଁରୁ ଆସିଥିବା ଶ୍ରଦ୍ଧାଳୁ ନିଜ ନିଜ ଗ୍ରାମ ଦେବତାଙ୍କ ଅସ୍ତ୍ର ଦ୍ୱାରା କାଟି ନେଇଯାଇଥିଲେ। ସେଇ ମାଂସକୁ ଗ୍ରାମ ମାଟିରେ ପୋତିଲେ ମାଟି ମା' ଗାଁର ସମସ୍ତଙ୍କ ମଙ୍ଗଳ କରିବା ସହ ଚାଷବାସ ମଧ୍ୟ ଠିକ୍‌ରେ ହେବା ସହ ବିଭିନ୍ନ ରୋଗବ୍ୟାଧିରୁ ରକ୍ଷା ମିଳିବ ବୋଲି ବିଶ୍ୱାସ ରହିଆସିଛି। ଟେଭାକଲମ ଗ୍ରାମରେ ଅନୁଷ୍ଠିତ ଟୋକିମରା ପର୍ବରେ ପ୍ରାୟ ୩୦ ଖଣ୍ଡ ବନ୍ଧୁ ଗ୍ରାମରୁ ପ୍ରାୟ ୪୦ ଖଣ୍ଡ ଦେବୀ ଟାଙ୍ଗି ଏବଂ ଛୁରୀ ଆସିଥିଲା। ଧୂଳିଗୁଡା ଗ୍ରାମରେ ପ୍ରାୟ ୬୨ ଗ୍ରାମରୁ ଶତାଧିକ ଦେବୀ ଟାଙ୍ଗି ଏବଂ ଛୁରୀ ଆସିଥିଲା। ସେହିପରି ରଣପୁର ଗାଁରେ ୧୭ ଖଣ୍ଡ ଗ୍ରାମରୁ ପ୍ରାୟ ୪୦ ଖଣ୍ଡ ଟାଙ୍ଗି ଓ ଛୁରୀ ଆସିଥିଲା। ଚୁଲବାଡିରେ ଅନୁଷ୍ଠିତ ପର୍ବରେ ୨୫ ଖଣ୍ଡ ଗ୍ରାମରୁ ୬୦ ଖଣ୍ଡ ଟାଙ୍ଗି ଏବଂ ଛୁରୀ ଦେଖିବାକୁ ମିଳିଥିଲା।



## ମହାକୁମ୍ଭ ମେଳା ଉପଲକ୍ଷେ ସୁଗମ ହେବ ଶ୍ରଦ୍ଧାଳୁଙ୍କ ଯାତ୍ରା

# ଭବାନୀପାଟଣାରୁ ଅଯୋଧ୍ୟା ଚାଲିଲା ସ୍ୱତନ୍ତ୍ର ବସ୍

**ଭବାନୀପାଟଣା, ୧୨ ।୧(ସମିସ):** ଧର୍ମସ୍ଥଳ, ପର୍ଯ୍ୟଟନ ଏବଂ ଯାତ୍ରୀ ଯେମିତି ଆମ ସଂସ୍କୃତି ଓ ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ। ଏହି ପାରିପ୍ରେକ୍ଷୀରେ ରବିବାର ପବିତ୍ର ମହାକୁମ୍ଭ ମେଳା ଦର୍ଶନ ପାଇଁ ସରକାରଙ୍କ ଉଦ୍ୟମରେ ଏକ ସ୍ୱତନ୍ତ୍ର ବସ୍ ଅଯୋଧ୍ୟା ଅଭିମୁଖେ ବାହାରିଛି। ମହାକୁମ୍ଭ ମେଳା ଦର୍ଶନ ଲାଗି ଭକ୍ତଙ୍କ ଆବେଗ ବୃଦ୍ଧି ପାଇଛି। ତେଣୁ ରାଜ୍ୟ ସରକାର ସ୍ୱତନ୍ତ୍ର ବସ ସେବା ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪ଟି ସ୍ଥାନରୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ ବସ୍ ସେବା ଚଳାଚଳର ବ୍ୟବସ୍ଥା ହୋଇଛି। ଅତ୍ୟାଧୁନିକ ବ୍ୟବସ୍ଥା ଥିବା ଏହି ବସ୍ ସେବା ଚଳାଚଳକୁ ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଞ୍ଜାମରୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରି ମହାକୁମ୍ଭ ଦର୍ଶନରେ ଯାଉଥିବା ସମସ୍ତ ଶ୍ରଦ୍ଧାଳୁ, ଯାତ୍ରୀଙ୍କ ଶୁଭ କାମନା କରିଥିଲେ। ଏଥିପାଇଁ ଭବାନୀପାଟଣା ନୂଆ ବସଷ୍ଟାଣ୍ଡରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ତଥା ଓଡ଼ିଶା ରାଜ୍ୟ ପରିବହନ ନିଗମ କଳାହାଣ୍ଡି ଜିଲ୍ଲା ନୋଡାଲ ଅଧିକାରୀ ତନ୍ମୟ ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଓଡ଼ିଶା ରାଜ୍ୟ ପରିବହନ ନିଗମ ଜିଲ୍ଲା ମ୍ୟାନେଜର ସ୍ୱଦେଶ ପାତ୍ର ପରିଚାଳନା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଭବାନୀପାଟଣା ପୌର ପରିଷଦର ନିର୍ବାହୀ ଅଧିକାରୀ ଡା. ସ୍ୱୟଂସମ୍ପୂର୍ଣ୍ଣା ରାଉତ, ଜିଲ୍ଲା ବିଜେପି ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ବିଧାୟକ ଅନାମ ନାଏକ, ବିଜେପି ନେତା ଭବାନୀଶଙ୍କର ନିଆଲ, ଜୟ ଶଙ୍କର ନାୟକ, କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରବୋଧ ରଥ, କର୍ମକର୍ତ୍ତା ପ୍ରବୀଣ ଖମାରୀ, ଅରୁଣ ରଥ, ଅତିରିକ୍ତ ଜିଲ୍ଲା ପରିଚାଳକ ଶାଶ୍ୱତ ପ୍ରଧାନ, କ୍ଲଷ୍ଟର ମୁଖ୍ୟ ବିଶ୍ୱଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ବସ୍ ସେବା ଫେବୃୟାରୀ ୨୬ ଯାଏଁ ଚାଲିବ। ଏହି ସ୍ୱତନ୍ତ୍ର ବସ ପାଇଁ ଅନଲାଇନ ଟିକେଟ ବୁକିଂ ବ୍ୟବସ୍ଥା ରହିଛି। ସେହିପରି ପୁରୁଷ ଯାତ୍ରୀଙ୍କ ପାଇଁ ୬୭୧୩ ଟଙ୍କା ଓ ମହିଳାଙ୍କ ପାଇଁ ରିହାତି ଦର ୪୨୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ସ୍ୱତନ୍ତ୍ର ବସ୍ ସକାଳ ୧୦ଟା ୩୦ରେ ଭବାନୀପାଟଣାରୁ ବାହାରି ପରଦିନ ଅପରାହ୍ନ ୪ଟା ୩୦ରେ ଅଯୋଧ୍ୟା ପହଞ୍ଚିବ। ଏହା ଭବାନୀପାଟଣାରୁ ବାହାରି ଜୁନାଗଡ଼, ଧର୍ମଗଡ଼, ଖରିଆର, ନୂଆପଡ଼ା, ରାୟପୁର, ବିଳାସପୁର, ଅମ୍ବିକାପୁର, ବାରଣାସୀ, ପ୍ରୟାଗରାଜ ଦେଇ ଅଯୋଧ୍ୟା ଯିବ।



## କଳାହାଣ୍ଡି ଉତ୍ସବ ମଞ୍ଚ ପରିଚାଳନା କମିଟିର ସମନ୍ୱୟ ବୈଠକ



**ଭବାନୀପାଟଣା, ୧୨ ।୧(ସମିସ):** ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ୧୪ରୁ ୧୭ ତାରିଖ ଯାଏଁ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଉତ୍ସବ ମଞ୍ଚ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଧିକାରୀ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାରଣା ଅଧ୍ୟକ୍ଷତା କରିଥିଲେ। ଆବାହକ ଶୁଭେନ୍ଦୁ ମହାପାତ୍ର, ପ୍ରଗତି ଗ୍ରୁପ୍‌ର ଅଧ୍ୟକ୍ଷ ଅଜୟ ପଣ୍ଡା, ଆୱାର୍ଡ଼ କମିଟିର ସଦସ୍ୟ ଆଇନଜୀବୀ ପ୍ରଦୀପ ବିହାର, ସାଂସ୍କୃତିକ ଦଳ ଯୋଗାଯୋଗ କମିଟିର ଆବାହକ ସଞ୍ଜୀବ ସିଂହ, ସଦସ୍ୟ ପ୍ରଦୀପ ସିଂହଙ୍କ ସମେତ ମଞ୍ଚ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ରାଷ୍ଟ୍ରୀୟ ଯୁବ ଦିବସରେ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିଚାରଣ

**ଭବାନୀପାଟଣା, ୧୨ ।୧(ସମିସ):**

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରରୁ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ମହେଶ ସାଗର, ହିତେଶ ସାହୁ, ସତ୍ୟ ସ୍ୱାଇଁ, ଆୟୁଷ ମହାନ୍ତି, ଦେବାଶିଷ ପଟ୍ଟନାୟକ, ତନିଶ ପୂଜାରୀ, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





**କୋକସରା:** କୋକସରା ବ୍ଲକ ମହିମା ପଞ୍ଚାୟତ ଭୂର୍ଷାଗୁଡା ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ପକ୍ଷରୁ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଛି। ସଂଘର ସଭାପତି ଶିବାନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ଦୁର୍ଜନ ମାଝୀ, ଦୈତାରୀ ମାଝୀ, ଟଙ୍କଧର ନାଏକ, ରାଜ ମୋହନ ଧଙ୍ଗଡ଼ାମାଝୀ, ଔରତ ମାଝୀ, ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ସମ୍ପାଦକ କ୍ଷୀରୋଦ ନାଏକ, ସହ ସମ୍ପାଦକ ସେନାପତି ନିଆଲ, ଉପସଭାପତି ସୁଦର୍ଶନ ମାଝୀ, ଲଳିତ ଦିଆରୀ, ଉପଦେଷ୍ଟା ଲବ ମାଝୀ ଅଭିଭାଷଣ ରଖିଥିଲେ। ଜିତେନ୍ଦ୍ର ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଘ ସଦସ୍ୟ ପଦ୍ମଲୋଚନ ମାଝୀ, ଉମ୍ବରୁଧର ନାଏକ, ଅଶୋକ ନାଏକ, ତୁଳସୀ ରଣା, ବିଷ୍ଣୁ ପ୍ରସାଦ ମାଝୀ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଗୋବର୍ଦ୍ଧନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ମଟୋଗଣ୍ଡା ଶ୍ରୀ ରାମକୃଷ୍ଣ ଆଶ୍ରମରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ସୁସଜ୍ଜିତ ରଥକୁ ଆଶ୍ରମର ସମ୍ପାଦକ ଶୁଭାରମ୍ଭ କରିଥିଲେ। ବିଭିନ୍ନ ସାଂସ୍କୃତିକ ଦଳ ଓ ଆଶ୍ରମର ଅନ୍ତେବାସୀ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସ୍ୱାମୀ ଅଶୋକାନନ୍ଦଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିନ କିଶୋର ରଥ, ସମ୍ମାନୀତ ଅତିଥି ଭାବେ ଆଶ୍ରମର ସହ ସମ୍ପାଦକ ସ୍ୱାମୀ ବିରେଶାନନ୍ଦ, ରତ୍ନାକର ପଧାନ, ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଣୟ ଆନନ୍ଦ ତ୍ରିପାଠୀ ଯୋଗ ଦେଇଥିଲେ। ବଟକିଶୋର ପ୍ରଧାନ ସଂଯୋଜନା କରିଥିବା ବେଳେ ଅନ୍ନଦା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ଶ୍ରୀକାନ୍ତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

**କର୍ଲାମୁଣ୍ଡା:** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଉପଲକ୍ଷେ ଜାତୀୟ ଯୁବ ସପ୍ତାହ ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ହେମନ୍ତ ଚୌଧୁରୀ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ନୀଳାମ୍ବର ପାତ୍ର, ଅଧ୍ୟାପକ ଗିରିରାଜ ଗହିର, ଖେଳ ଶିକ୍ଷକ ଲଳିତ ଦାସ, ଗ୍ରନ୍ଥାଗାରିକ ଚିନ୍ମୟ ରଣା ଯୋଗ ଦେଇଥିଲେ। ସପ୍ତାହ ବ୍ୟାପି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

# ଇଥାନଲ୍ କାରଖାନାରେ ଖଣ୍ଡ ଖଣ୍ଡ ହୋଇଗଲେ ଶ୍ରମିକ

- ଅରଖପଦର ଗ୍ରାମରେ ଶୋକାକୁଳ ପରିବେଶ
- କାରଖାନା ଗେଟ୍ ସମ୍ମୁଖରେ ଉତ୍ତେଜିତ ଗ୍ରାମବାସୀଙ୍କ ଗର୍ଜନ
- ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ୧ ପ୍ଲାଟୁନ ଫୋର୍ସ ମୁତୟନ
- ପରିବାରକୁ କମ୍ପାନୀ ଓ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦାବି

**ତରଭା, ୧୨।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଣିମୁରାରେ ଥିବା ଇଥାନଲ କାରଖାନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅରଖପଦର ନିବାସୀ ଘନ ମହାକୁରଙ୍କ ପୁଅ ଅଜୁ ମହାକୁର (୨୬) । ଇଥାନଲ କାରଖାନାରେ ଜଣେ ଠିକାଦାରଙ୍କ ଅଧୀନରେ ସେ କାମ କରୁଥିଲେ। କାମ କରୁଥିବା ବେଳେ ରବିବାର ସନ୍ଧ୍ୟା ସାଢେ ୬ଟା ବେଳେ ମେସିନ ଭିତରେ ଗଳି ପଡ଼ିବାରୁ ତାଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇଯାଇଥିଲା। ରାତି ୧୦ଟା ସୁଦ୍ଧା ମେସିନ ଭିତରୁ ତାହା କଢ଼ା ଯାଇ ନ ଥିଲା। ବୈଷୟିକ ଟିମ୍ ଆସିବା ପରେ କଢ଼ା ହେବ ବୋଲି ପୁଲିସ କହିଛି। ଅଜୁଙ୍କ ପତ୍ନୀ ଓ ପରିବାର ଏହି ଘଟଣା ପରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କର ଗୋଟିଏ ସନ୍ତାନ ଅଛି। ତାଙ୍କ ଅକାଳ ମୃତ୍ୟୁରେ ଅରଖପଦର ଗାଁ ସ୍ତବ୍ଧ ହୋଇଯାଇଛି। ତେବେ ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୋନପୁର ଏସ୍‌ଡିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀ, ତରଭା ଥାନା ଆଇଆଇସି ଅନିତା କିଡୋ, ଥାନାର ଷ୍ଟାଫ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରୁଛନ୍ତି। ତୁରନ୍ତ ତାଙ୍କ ପରିବାରକୁ କମ୍ପାନୀ ଓ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାକୁ ଦାବି ଉଠିଛି। ଅନ୍ୟପକ୍ଷେ କମ୍ପାନୀ ପରିସରରେ କାଳେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବ ସେହି ଆଶଙ୍କାରେ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

# ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ବୌଦ୍ଧ, ୧୨।୧(ସମିସ):** ବୌଦ୍ଧ ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଷ୍ଟାଡିୟମରେ ଚାଲିଥିବା କ୍ରୀଡା ଉତ୍ସବକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ କଲେଜର କ୍ରୀଡା ଶିକ୍ଷକ ଲମ୍ବୋଦର ପୁରୋହିତ ଯୋଗ ଦେଇଥିବା ବେଳେ ସ୍କୁଲ ଅଧକ୍ଷା ସସ୍ମିତା ସେନାପତି ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଗେହ୍ଲାମା ମନ୍ଦିରରୁ କ୍ରୀଡା ମଶାଲ ଧରି ଆସିବା ପରେ କ୍ରୀଡାସ୍ଥଳରେ ଅତିଥିଙ୍କ ଦ୍ୱାରା ସ୍ଥାପନ କରାଯାଇ କ୍ରୀଡା ଆରମ୍ଭ ହୋଇଥିଲା। ଛାତ୍ରଛାତ୍ରୀ କ୍ରୀଡା ପତାକା ତଳେ ଶପଥପାଠ କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ, ମ୍ୟୁଜିକ ଚେୟାର, ଆଳୁ ଦୌଡ, ସଟ୍‌ପୁଟ, ଜେଭଲିନ ଥ୍ରୋ, ମେଥ୍ ରେସ୍ ଆଦି ୨୨ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଭିଭାବକ ଓ ଅଭିଭାବିକାଙ୍କ ପାଇଁ ମଧ୍ୟ ଦୌଡ ଓ ମ୍ୟୁଜିକ ଚେୟାର ଖେଳ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ପଞ୍ଚାୟତ କଲେଜର ଅଧକ୍ଷ ନିରଞ୍ଜନ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ସ୍କୁଲ ଅଧକ୍ଷା ସସ୍ମିତା ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ଅମିଷା ଗର୍ଗ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭାଇସ୍ ପ୍ରିନ୍ସପାଲ ସତ୍ୟନାରାୟଣ ସାହୁ, କ୍ରୀଡା ଶିକ୍ଷକ ଲମ୍ବୋଦର ପୁରୋହିତ, ସୁଶୀଳ ପରିଡ଼ା ଓ ଅମ୍ବରୀଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଆଶାରେ ରହିଗଲା ନୂଆ ବସ୍‌ଷ୍ଟାଣ୍ଡ ଭୂମିପୂଜା



- ଭୀମଭୋଇ ମଣ୍ଡପ ଭଙ୍ଗାପରେ ଅଟକିଛି କାମ

**ସୋନପୁର, ୧୨।୧(ସମିସ):** ଚଳିତ ସୁବର୍ଣ୍ଣ ଲୋକ ମହୋତ୍ସବ ଆରମ୍ଭ ହେବାର ମାସାଧିକ କାଳପୂର୍ବରୁ ଜିଲ୍ଲାରେ ଚର୍ଚ୍ଚା ଚାଲିଥିବା ଏକ ଖବରକୁ ନେଇ ଜିଲ୍ଲାବାସୀ ଖୁବ୍ ଆଶାବାଦୀ ଥିଲେ। ଜାନୁଆରୀ ୬ରେ ଉତ୍ସବର ଉଦ୍‌ଘାଟନୀ ଦିନ ମୁଖ୍ୟଅତିଥିଙ୍କ ଦ୍ୱାରା ନୂଆ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭୂମିପୂଜନ ହେବ ବୋଲି ଜିଲ୍ଲାରେ ଖୁବ୍ ଚର୍ଚ୍ଚା ଚାଲିଥିଲା। ପୁରୁଣା ବସ୍‌ଷ୍ଟାଣ୍ଡରେ ହିଁ ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ କରକମଳରେ ମଡେଲ ବସ୍‌ଷ୍ଟାଣ୍ଡର ଭୂମିପୂଜନ ହେବ ବୋଲି ସ୍ଥାନୀୟ ଲୋକେ ଆଶାବାଦୀ ଥିଲେ। ତେବେ ସୁବର୍ଣ୍ଣ ଲୋକ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ ସିଂହଦେଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହେଲେ ଲୋକଙ୍କ ଆଶାଆଶାରେ ହିଁ ରହିଗଲା। ନୂତନ ବସ୍‌ଷ୍ଟାଣ୍ଡର କୌଣସି ଭୂମିପୂଜନ ହେଲା ନାହିଁ କି ଏସମ୍ପର୍କରେ ତାଙ୍କ ଅଭିଭାଷଣରେ ପଦୁଟିଏ ମଧ୍ୟ କହିଲେ ନାହିଁ। ଫଳରେ କେବେ ବସଷ୍ଟାଣ୍ଡ ନିର୍ମାଣ ଆରମ୍ଭ ହେବ ଏବଂ କିଭଳି ରୂପରେ ନିର୍ମାଣ ହେବ ସେହି ଆଶା ଓ ଆଶଙ୍କା ଭିତରେ ଏବେ ବି ସହରବାସୀ ରହିଛନ୍ତି। ସୂଚନାଯୋଗ୍ୟ ଭୀମଭୋଇ ମଣ୍ଡପ, ପୁରୁଣା ଟାଉନ୍ ହଲ ଏବଂ କିଛି ଷ୍ଟଲ୍ ଭଙ୍ଗା କାମରେ ସୀମିତ ହିଁ ରହିଯାଇଛି ବସ୍‌ଷ୍ଟାଣ୍ଡ ନିର୍ମାଣ କାମ। ପ୍ରତ୍ୟେକ ଦିନ ସୁବର୍ଣ୍ଣପୁରରୁ ସମ୍ବଲପୁର, ବଲାଙ୍ଗିର, ବୌଦ୍ଧ, ବରଗଡ଼ ସହ ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରକୁ ଶତାଧିକ ବସ୍ ଯାତାୟାତ କରେ। ସୁବର୍ଣ୍ଣପୁର ବସ୍‌ଷ୍ଟାଣ୍ଡରୁ ହଜାର ହଜାର ଯାତ୍ରୀ ପ୍ରତିଦିନ ବିଭିନ୍ନ ସହରକୁ ଗସ୍ତ କରନ୍ତି। ସୁବର୍ଣ୍ଣପୁର ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ବସ୍ ଅପେକ୍ଷା କରିବା ପାଇଁ ସ୍ଥାନ ଟିକିଏ ନାହିଁ। ଷ୍ଟଲ୍ ଭାଙ୍ଗିବା ପରେ ପ୍ରାୟ ବର୍ଷେ ବିତି ଯାଇଥିଲେ ମଧ୍ୟ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇ ପାରୁନାହିଁ। ଜନସାଧାରଣ ଯେତେ ଆନ୍ଦୋଳନ କଲେ ମଧ୍ୟ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମସ୍ତେ ନିଦାବିଷ୍ଟୁ ସାଜିଥିବାରୁ ନିର୍ମାଣ କାମ କେବେ ଆରମ୍ଭ ହୋଇ କେବେ ସରିବ କେହି କହିପାରୁନାହାନ୍ତି।

# ରାସ୍ତା ସାଜିଛି ମରଣଯନ୍ତା



- ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଯାତ୍ରୀ

**ସୁବଳୟା,୧୨।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଗୌଡ଼ଗାଡ଼ରୁ ଠେଙ୍ଗୋ ଡ୍ୟାମ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ଉକ୍ତ ରାସ୍ତାରୁ ପିଚୁ ଉଠିଯାଇ ମେଟାଲଗୁଡ଼ିକ ରାସ୍ତାରେ ଗଡୁଛି। ଯାହାକି ଲୋକଙ୍କ ପାଇଁ ଏହା ମରଣଯନ୍ତା ସାଜିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ବହୁ ଲୋକ ଠେଙ୍ଗୋ ଡ୍ୟାମ ଓ ପାତାଳିକ୍ଷେତ୍ର କୋଟସମଲେଇକୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ ପାଇଁ ଆସି ରାସ୍ତାର ଅବସ୍ଥା ପାଇଁ ବହୁତ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଦୁର୍ଜନତେଲା ପଞ୍ଚାୟତ ସମ୍ମୁଖରୁ ଡ୍ୟାମ ହିଡ଼ତଳେ ନୂତନ ଭାବେ ତିଆରି ହୋଇଥିବା ବ୍ରିଜ୍‌ର ଉଭୟ ପାର୍ଶ୍ୱ ରାସ୍ତା ବହୁତ ଖରାପ ହୋଇପଡ଼ିଛି। ଡ୍ୟାମ ହିଡ଼ଦେଇ ଗାଡ଼ିମଟର ଯିବାଆସିବା ବନ୍ଦ କରି ହିଡ଼ ରାସ୍ତାର ତଳେ ଯାନବାହାନ ଚଳାଚଳ ପାଇଁ ନୂତନ ରାସ୍ତା ସହ ଏକ ବଡ଼ ଧରଣର ବ୍ରିଜ ହୋଇଛି। ରାସ୍ତା ଖରାପ ହେଲେ ମଧ୍ୟ ମରାମତି କରା ହେଉନାହିଁ। ନୂତନ ବର୍ଷ ପାଇଁ ହରିହର ଯୋର ଠେଙ୍ଗୋ ଡ୍ୟାମକୁ ବଣଭୋଜି କରିବା ସହ ନୌକା ବିହାର ପାଇଁ ଲୋକେ ବହୁ ଦୂରଦୂରାନ୍ତରୁ ଆସୁଛନ୍ତି। ହେଲେ ରାସ୍ତା ପାଇଁ ଲୋକେ ବହୁତ ଅସୁବିଧା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ସୁନୀଲ ଦେହୁରୀଙ୍କୁ ପଚାରିବାରୁ ମୁଁ ଜାଣି ନାହିଁ, ରାସ୍ତା ଦେଖି ପଦକ୍ଷେପ ନେବି ବୋଲି ସେ କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଉକ୍ତ ସମସ୍ୟାକୁ ଦୃଷ୍ଟି ଦେଇ ଶୀଘ୍ର ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଖଲିଆପାଲି ସ୍କୁଲରେ ବୈଠକ

**ସୋନପୁର, ୧୨।୧(ସମିସ):** ସୋନପୁର ବ୍ଲକ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଟିଏମ୍-୪ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲୋକନାଥ ଦାଶଙ୍କ ସଭାପତିତ୍ୱରେ ବୈଠକରେ ମୁଖ୍ୟଅତିଥି ଭାବେ ଏସଏମସି ସଭାପତି ଓ ୧୧୧ ଜଣ ଅଭିଭାବକ ଅଭିଭାବିକା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପିଟିଏମର ଆଭିମୁଖ୍ୟ ସମାପ୍ତି ସୂଚକ ଆକଳନ-୧ର ବିଶ୍ଳେଷଣ କରିଥିଲେ। ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ପାତ୍ର ସଭା ସଂଯୋଜନା କରିବାସହ ଛାତ୍ରଛାତ୍ରୀଙ୍କ ଆପାର ଆଇଡି ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଲିପିନାରାଣୀ ପ୍ରଧାନ ପରୀକ୍ଷା ପେ ଚର୍ଚ୍ଚା ଉପରେ ଓ ବିଶ୍ୱ ବିଭୂଷିତା ପଣ୍ଡା ଛାତ୍ରଛାତ୍ରୀଙ୍କୁ ତାଙ୍କ ଭୂମିକା ଉପରେ ଅବଗତ କରିଥିଲେ। ଶେଷରେ ପ୍ରଭାତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଖତୁ ସୁନା, ନିର୍ମଳ ପୋଢ ଓ ସୁରେନ୍ଦ୍ର ମେହେର ସହଯୋଗ କରିଥିଲେ।

- ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବ୍ରାହ୍ମଣିପାଲି ଟିମ୍ ବିଜୟୀ



**ସୁବଳୟା, ୧୨।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ବହଳପଦର ପଞ୍ଚାୟତର ବିଶାଳପାଲି ସ୍କୁଲ ଖେଳପଡ଼ିଆରେ ବିଶାଳପାଲି, ପାତ୍ରପାଲି ଓ ଟିଙ୍ଗିରାନାଲିର ମିଳିତ ଆନୁକୂଲ୍ୟରେ ୧୧ତମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ଟି ଜଟେସିଂହା ଓ ଖେମାଲୋ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଜଟେସିଂହା ଟିମ୍ ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୭୯ରନ କରିଥିଲା। ଜବାବରେ ଖେମାଲୋ ଟିମ୍ ୮ଓଭରରେ ୭୨ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ତେଲିପାଲି ଓ ବ୍ରାହ୍ମଣିପାଲି ମଧ୍ୟରେ ଖେଳ ହୋଇଥିଲା। ଏଥିରେ ତେଲିପାଲି ଟିମ୍ ୮ଓଭରରେ ୮ୱିକେଟ ହରାଇ ୫୬ରନ ସଂଗ୍ରହ କରିଥିଲା। ଜବାବରେ ବ୍ରାହ୍ମଣିପାଲି ଟିମ୍ ୬ୱିକେଟ ହରାଇ ୫୯ରନରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ପ୍ରଥମ ଦଳର ବିଜେତା ଜଟେସିଂହା ଓ ଦ୍ୱିତୀୟ ଦଳର ବିଜେତା ବ୍ରାହ୍ମଣିପାଲି ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମେ ବ୍ରାହ୍ମଣିପାଲି ବ୍ୟାଟିଂ କରି ୫ ଓଭରରେ ୨ୱିକେଟ ହରାଇ ୬୫ରନ କରିଥିଲା। ଜବାବରେ ଜଟେସିଂହା ଦଳ ୫ ଓଭରରେ ୬ୱିକେଟ ହରାଇ ୬୩ରନ କରି ପରାସ୍ତ ହୋଇଥିଲା। ଅପରାହ୍ଣରେ ପୁରସ୍କାର ବିତରଣୀ ଉତ୍ସବରେ ରମେଶ ପଧାନ ଯୋଗଦେଇ ବ୍ରାହ୍ମଣିପାଲି ଟିମ୍‌ର ଲିପୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌ଗୁଡ଼ିକରେ ଲିଙ୍କନ ପ୍ରଧାନ, ସୁବ୍ରତ ଧଳ, ରଞ୍ଜିତ ପ୍ରଧାନ ଓ ଚନ୍ଦନ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଅଶୋକ ପଧାନ ଓ ସତ୍ୟବ୍ରତ ଧଳ ସ୍କୋରିଂ ଏବଂ ଖିରୋଦ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବନବିହାର କାର୍ଯ୍ୟକ୍ରମ

**ବୀରମହାରାଜପୁର, ୧୨।୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସୁବର୍ଣ୍ଣପୁର ଜିଲ୍ଲାର ବାର୍ଷିକ ବନବିହାର କାର୍ଯ୍ୟକ୍ରମ ଗୁଲୁଣ୍ଡାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମଠ ମହନ୍ତ ମହାରାଜ ରଘୁବର ଦାସ, ପ୍ରବକ୍ତା ଜିଲ୍ଲା ପ୍ରଚାରକ ପ୍ରଣବ ନାୟକ, ଜିଲ୍ଲା ସଂଘ ଚାଳକ ଦିଲ୍ଲୀପ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟବାହ ଧର୍ମେନ୍ଦ୍ର ବଡ଼ମାଳି ପ୍ରମୁଖ ମଞ୍ଚାସୀନ ଥିଲେ। ଅର୍ପିତା ସୁମନ ମହାନ୍ତିଙ୍କ ବ୍ୟକ୍ତିଗତ ଗୀତ ପରେ ବୌଦ୍ଧିକ ଓ ଅରିଚୟ ବର୍ଗ ହୋଇଥିଲା। ରଶ୍ମିରଞ୍ଜନ ଦାସ ସଭା ସଂଯୋଜନା କରିଥିଲେ। ସଂଘ କାର୍ଯ୍ୟରେ ସ୍ନେହ ଶ୍ରଦ୍ଧା ଓ ଆନ୍ତରିକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ କାର୍ଯ୍ୟବାହ ମାଙ୍ଗୁ ସେଠୀ, ବିପିନ ବାଘଙ୍କ ସହିତ ଜନ୍ମେଜୟ ପାଣିଗ୍ରାହୀ, ଜୟଦ୍ରଥ ଜଗଦଲା, ଜନାର୍ଦ୍ଦନ ନାୟକ, ବିଭୁତି କୁଦେଇ, ଦିଲ୍ଲୀପ ମେହେର, ସୂର୍ଯ୍ୟ ପଣ୍ଡା, ସନ୍ତୋଷ ପୁରୋହିତ, ଡ.ଦ୍ୱିତୀକୃଷ୍ଣ ପଣ୍ଡା ଓ ରାଧାମାଧବ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପାଞ୍ଚଶହରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

# ହରଭଙ୍ଗା କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଉଦ୍‌ଯାପିତ




**ଚାରିଛକ, ୧୨।୧(ସମିସ):** ହରଭଙ୍ଗା ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ହିମାଂଶୁ ଶେଖର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ଥାନା ଆଇଆଇସି ନଳିନୀକାନ୍ତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ସୁଦାମ ଚରଣ ପୃଷ୍ଟି ଅଭିଭାଷଣରେ ସମାଜର ମାନସିକତାର ପରିବର୍ତ୍ତନ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଅଧାପିକା ସସ୍ମିତା ହାଁସଦା ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନାରେ କରିଥିଲେ। କାର୍ଯ୍ୟକ୍ରମରେ ଭାଗନେଇଥିବା ୯୮ ଜଣ ଛାତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଛାତ୍ରୀ ମିକିନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ



**ଶଗଡ଼ା, ୧୨।୧(ସମିସ):** କଣ୍ଟାମାଳ ବ୍ଲକ ଗୁଣ୍ଡୁଚିତରା ଗ୍ରାମର ଶିକ୍ଷୟତ୍ରୀ ବାସନ୍ତୀ ଭୋଇ (୪୦)ଙ୍କ ପରଲୋକ ହୋଇଯାଇଛି। ସେ ଦେଢ଼େଣମାଳ ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଏହାପୂର୍ବରୁ ଘଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ କାର୍ଯ୍ୟ କରୁଥିଲେ। ସେ ନିଜ ଘର ଛାତ ଉପରେ ହଠାତ ପଡ଼ିଯାଇ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତୁରନ୍ତ ବଲାଙ୍ଗିର ଭୀମ ଭୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ମଶାଣିରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ‘ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ଆଦର୍ଶ’





**ବୌଦ୍ଧ, ୧୨।୧(ସମିସ):** ବୌଦ୍ଧ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଯୁବ ସମାଜର ଆଦର୍ଶ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମଧ୍ୟ ସମ୍ଭାଗ ସମ୍ପାଦକ ଅଧାପକ ଡ. ପ୍ରବୀର ଦାସ ସଭାପତିତ୍ୱ କରିଥିବାବେଳେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ହୃଷୀକେଶ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସଦାନନ୍ଦ ମାହାର ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ବିଷୟରେ ଆଲୋଚନା କରିଥିଲେ। ଅଧାପକ ଅଜିତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ତ୍ରିନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ।



**ଶଗଡ଼ା:** ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଲ୍ ରକ୍ଷା ଭାରତ ତରଫରୁ କଣ୍ଟାମାଳ ବ୍ଲକର ଦପଲା ଓ ଦେଉଳିରେ ଯୁବାବର୍ଗଙ୍କୁ ନେଇ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଯୁବବର୍ଗଙ୍କ ଆଦର୍ଶ ସ୍ୱାମୀ ବିବେକାନନ୍ଦଙ୍କ ମୂଲ୍ୟବାନ ଚିନ୍ତାଧାରା ଓ ତାଙ୍କ ଆଦର୍ଶକୁ ସ୍ମରଣ କରିବା ସହ ଯୁବବର୍ଗଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥିଲା। ବାଲରକ୍ଷା ଭାରତର କର୍ମୀ ରାଜୀବ ପ୍ରଧାନ, ମେଘୁ ମେହେର, ପୁଷ୍ପାଞ୍ଜଳି ବେହେରା ଓ ଦୟାନିଧି ଜଗତ ଉପସ୍ଥିତ ଥିଲେ।

**ସୋନପୁର:** ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ଅବସରରେ ଗ୍ରାମଉତ୍‌ଥାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହିଦିବସରେ ଗ୍ରାମଉତ୍‌ଥାନର ପ୍ରତିଷ୍ଠାତା ତଥା ସମ୍ପାଦକ ପ୍ରତାପ ପ୍ରଧାନ, ମୁଖ୍ୟ କାର୍ଯ୍ୟ ପରିଚାଳନା ଅଧିକାରୀ ସ୍ୱର୍ଣ୍ଣରୂପା ମିଶ୍ର, ଯୁବ କାର୍ଯ୍ୟକ୍ରମ ପରିଚାଳକ କ୍ଷୀରେନ୍ଦ୍ର ରଣା, ଶିକ୍ଷା ପରିଚାଳିକା ଲୋପାମୁଦ୍ରା ବଳ, ପ୍ରୋଗ୍ରାମ ଆସୋସିଏଟ ରଶ୍ମିତା ପଧାନ, ଅନିତା କ୍ଷେତି, ଇଶ୍ୱର ସୂର୍ଯ୍ୟ ଓ ଇତିହାସ ଅଧାପକ ସଚିଦାନନ୍ଦ କର୍ଣ୍ଣ ପ୍ରମୁଖ ଯୋଗଦେଇଥିଲେ। ଅବସରରେ କାଦୋଦର ଓ ଦମାମୁଣ୍ଡାର ୫୦ ଜଣ ଯୁବକଯୁବତୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଜାତୀୟ ଯୁବ ଦିବସର ଥିମ୍ ‘ନିର୍ଭୟତା, ଶକ୍ତି, ଏକତା, ଧାର୍ମିକ ସମନ୍ୱୟ, ଆଧାତ୍ମିକ ଅଭିବୃଦ୍ଧି ଏବଂ ମାନବିକତା ପାଇଁ ସେବା’ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯୁବକଯୁବତୀ ନିଜ ଭାବନା ଶକ୍ତିର ଉପଯୋଗ ଦ୍ୱାରା ସାମଗ୍ରିକ ବିକାଶ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।

## ଟ୍ରକ୍‌ରେ ଲାଗିଲା ନିଆଁ; ବର୍ତ୍ତିଲେ ଚାଳକ

ବାଲିଶଙ୍କରା, ୧୨।୧(ସମିସ): ତଳସରା ଥାନା ଅଧୀନ ଡୁମୁଲିଆଗ୍ରାମ ପେଟ୍ରୋଲପମ୍ପ ନିକଟରେ କୋଇଲା ବୋଝେଇ ଟ୍ରକରେ ହଠାତ ନିଆଁ ଲାଗି ଟ୍ରକ ସମ୍ମୁଖ ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ବାଲିଶଙ୍କରା ଦମକଳ ବାହିନୀ ଏବଂ ସବଡେଗା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ସୂଚନା ଅନୁସାରେ ଟ୍ରକଟି ଆମ୍ବିକାପୁରରୁ କୋଇଲା ନେଇ ରାଉରକେଲାକୁ ଯାଉଥିଲା। ଟ୍ରକ୍ ଇଞ୍ଜିନ ତ୍ରୁଟି ଯୋଗୁଁ ହଠାତ ନିଆଁ ଲାଗିଯାଇଥିବା ଟ୍ରକ୍ ଚାଳକ ସତୀଶ ଦୁବେ ପ୍ରକାଶ କରିଥିଲେ। ସେହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ସମୟ ପାଇଁ ଯାନବାହାନ ଅଟକି ରହିଥିଲା। ଘଟଣାସ୍ଥଳରେ ତଳସରା ପୁଲିସ ପହଞ୍ଚି ଯାନବାହାନ ଯିବାରେ ନିୟନ୍ତ୍ରଣ କରିଥିଲା। ନିଆଁ ଲିଭାରେ ଦମକଳ ବାହିନୀର କର୍ମକର୍ତ୍ତା ଭାବେ ଦେବେନ୍ଦ୍ର ଦଣ୍ଡସେନା, ସୁଶାନ୍ତ ବାଘ, ସୁଜିତ ବାଘ, ଦୀପୁନ ନାଏକ, ଲକ୍ଷ୍ମଣ କିଷାନ, ବିନୋଦ ମିଞ୍ଜ, ପ୍ରମୋଦ କୁଲୁହା, ଉମେଶ ଖଡ଼ିଆ, ନିରଞ୍ଜନ କାଲୋ ପ୍ରମୁଖ ସାମିଲ ଥିଲେ।

## ବାସୁଦେବପୁର ଜନକଲ୍ୟାଣ ପରିଷଦର ବାର୍ଷିକ ଉତ୍ସବ

**ରାଉରକେଲା, ୧୨।୧(ସମିସ):** ରାଉରକେଲାର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ବାସୁଦେବପୁର ଜନକଲ୍ୟାଣ ପରିଷଦର ୨୫ତମ ବାର୍ଷିକ ଉତ୍ସବ ସେକ୍ଟର-୭ ସ୍ଥିତ ମଧୁମଣ୍ଡପ ଠାରେ ପାଳିତ ହୋଇଯାଇଛି। ଡାକ୍ତର ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବକୁ ମୁଖ୍ୟ ଅତିଥି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ବାରିକ, ମୁଖ୍ୟବକ୍ତା ଡ. ଉମାକାନ୍ତ ପଣ୍ଡା ଏବଂ ସମ୍ମାନିତ ଅତିଥି ସାମ୍ବାଦିକ ସତ୍ୟାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିବେକାନନ୍ଦ ପଣ୍ଡା ଏବଂ ରମାକାନ୍ତ ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଯୁଗ୍ମ ସମ୍ପାଦକ ଶରତ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସହ କୋଷାଧ୍ୟକ୍ଷ ଉଦୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ବାର୍ଷିକ ବିବରଣୀ ପାଠ ସହ ପରିଷଦର କାର୍ଯ୍ୟାବଳୀ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଇଂ. ଅଶୋକ କୁମାର ପଟ୍ଟନାୟକ, ଅଜୟ କୁମାର ମହାନ୍ତି ଏବଂ ବର୍ଷାରାଣୀ ରାଉଳ ପ୍ରମୁଖ ଭଦ୍ରକର ବାସୁଦେବପୁର ତଥା ଇରମ ମାଟିର ବୀର ଗାଥାକୁ ନେଇ ରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ଏହି ଅବସରରେ ସାବିତ୍ରୀ ନାୟକଙ୍କ ଲିଖିତ ପୁସ୍ତକ 'ରକ୍ତ ରଞ୍ଜିତ ଇରମ ଭୂଇଁ'ର ଦ୍ୱିତୀୟ ସଂସ୍କରଣ ଏବଂ ଶିଶୁ ଲେଖକ ଶ୍ରେୟାଂଶ ଦାସଙ୍କ ରଚିତ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ସଦସ୍ୟ ରାଜକୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋତିର୍ମୟୀ ପତି, ସାବିତ୍ରୀ ଦାସ, ମଧୁମିତା କର, ଶ୍ରଦ୍ଧାଞ୍ଜଳି ନାୟକ, ସୁବାସ ଚନ୍ଦ୍ର ମହାପାତ୍ର, ସନାତନ ପତି, କୃପାସିନ୍ଧୁ ବେହେରା, ସତ୍ୟଜିତ୍ ସାହୁ, ଅଚ୍ୟୁତାନନ୍ଦ ଦାସ, ଅଞ୍ଜନା ବେହେରା ପ୍ରମୁଖ ସହଯୋଗ କରିଥିଲେ। ହରିହର ଶତପଥୀ, ସୁନୀଲ କୁମାର ମହାନ୍ତି, ଚକ୍ରଧର ପ୍ରଧାନ, କମଳାକାନ୍ତ ଦାସ, ବଳରାମ ରାଉଳ, ରବୀନ୍ଦ୍ର କୁମାର ସାହୁ, କୌଶଲ୍ୟା ଦାସ, ସନ୍ଧ୍ୟାରାଣୀ ସାହୁ, ବସନ୍ତ କୁମାର ବେହେରା ପ୍ରମୁଖ ଶତାଧିକ ସଦସ୍ୟ ତଥା ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ; ୮ ଘଣ୍ଟା ରାସ୍ତାରୋକ



କୁତ୍ରା, ୧୨।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଉପରବାହାଲଠାରେ ରବିବାର ସକାଳେ ଏକ କାର୍ ଧକ୍କାରେ ଉପରବାହାଲ ଗ୍ରାମର ସୁରତ ଗୁଡ଼ିଆ(୫୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଉପରବାହାଲ ଗ୍ରାମବାସୀ ୮ ଘଣ୍ଟା ରାସ୍ତାରୋକ କରିଥିଲେ। ଧକ୍କାଦେଇଥିବା ସୋମୋ ଗାଡ଼ିର ମାଲିକ କଥାବାର୍ତ୍ତା ହେଲା ପରେ ରାସ୍ତାରୋକ ହଟିଥିଲା। ସୂଚନା ଅନୁସାରେ ରବିବାର ସକାଳେ ଖତକୁରବାହାଲ ଗ୍ରାମର ଏକ ସୋମୋ କୁତ୍ରାରୁ ଖତକୁରବାହାଲକୁ ଯାଉଥିଲା। କୁତ୍ରା ଖତକୁରବାହାଲ ରାସ୍ତାରେ ଥିବା ଉପରବାହାଲଠାରେ ଉପରବାହାଲ ଗ୍ରାମର ସୁରତ ଗୁଡ଼ିଆ ଶୌଚ ପାଇଁ ଯାଇ ରାସ୍ତା କଡ଼ରେ ଛିଡାଥିବା ସମୟରେ ଗାଡ଼ି ନିୟନ୍ତ୍ରଣ ହରାଇ ସୁରତଙ୍କ ଉପରେ ଚଢ଼ିଯାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ସୁରତଙ୍କ ମୃତ୍ୟୁ ଘଟିଥିଲା। ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କୁତ୍ରା ଖତକୁରବାହାଲ ରାସ୍ତାକୁ ବନ୍ଦ୍ କରି ଦେଇଥିଲେ। କୁତ୍ରା ପୁଲିସ ଲୋକଙ୍କୁ ବୁଝାସୁଝା କଲାପରେ ଗାଡ଼ିମାଲିକ ଓ ଗ୍ରାମବାସୀଙ୍କ ମଧ୍ୟରେ କଥାବାର୍ତ୍ତା ହେବାପରେ ଦୀର୍ଘ ଆଠ ଘଣ୍ଟାପରେ ରାସ୍ତାରୋକ ହଟିଥିଲା। କୁତ୍ରା ପୁଲିସ ଏ ସମ୍ବନ୍ଧରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା କୁତ୍ରା ପୁଲିସ ଅଧିକାରୀ ଆଶୁତୋଷ ମହାନ୍ତି ସୂଚନା ଦେଇଛନ୍ତି।

### ବିଭିନ୍ନ ସ୍ଥାନରେ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ

# ଆଧ୍ୟାତ୍ମିକ ଶକ୍ତିଦ୍ୱାରା ଯୁବସମାଜକୁ ପରିବର୍ତ୍ତନ କରିବାକୁ ଆହ୍ୱାନ




**ସୁନ୍ଦରଗଡ଼, ୧୨।୧(ସମିସ)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ସ୍କାଉଟ୍ସ ମାଷ୍ଟର ଅଶୋକ କୁମାର ପରିଡ଼ାଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଷ୍ଟାଡିୟମ ଠାରୁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ପ୍ରଜାପିତା ବ୍ରହ୍ମା କୁମାରୀ ରାଜଯୋଗିନୀ ଜ୍ୟୋସ୍ନା ମୁଖ୍ୟ ଅତିଥି ଭାବେ ପତାକା ଦେଖାଇ ଏହା ରାଲିର ଶୁଭାରମ୍ଭ କରିଥିଲେ। ରାଲି ଡିଆରଡିଏ ଛକରେ ପହଞ୍ଚିବାପରେ ଏକ ସଭା ହୋଇଥିଲା। ଏଠାରେ ପ୍ରଥମେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ରାଜଯୋଗିନୀ ବିବେକାନନ୍ଦ ନିଜ ଆଧ୍ୟାତ୍ମିକ ଶକ୍ତିଦ୍ୱାରା ଭାରତର ଯୁବସମାଜକୁ ପରିବର୍ତ୍ତନ କରାଇବା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସନ୍ତୋଷ ମହାନ୍ତି, ତୃପ୍ତି ପଟେଲ, ମିନତି ଦାସ, ଆଶା ଶେଖର ଏବଂ ବ୍ରହ୍ମା କୁମାର ବାଣେଶ୍ୱର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

## ସୁନ୍ଦରଗଡ଼ ବିଜୁ ଜନତା ଦଳ



ସୁନ୍ଦରଗଡ଼ ବିଜୁ ଜନତା ଦଳ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଅବସରରେ ଜିଲ୍ଲା ବିଜେଡି ଉପସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜିଲ୍ଲା ବିଜେଡି ସମ୍ପାଦକ ଗୌରାଙ୍ଗ ଧଳ, ବିଜେଡିର ପୂର୍ବତନ ଟାଉନ ସଭାପତି ଅଶୋକ ମହାନ୍ତି, ଯୁବ ବିଜେଡି ନେତା ସୁବ୍ରତ ନାଏକ, କାଉନସିଲର ଶିଳା ନାଗ, ଦୁଶିଳା ଦଣ୍ଡସେନା, କୈଳାସ ତନ୍ତି ପ୍ରମୁଖ ସ୍ଥାନୀୟ ଡିଆରଡିଏ ଛକସ୍ଥିତ ସ୍ୱାମୀବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ।

### ● ସରକାରୀ ମହାବିଦ୍ୟାଳୟ



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଓ ନେହରୁ ଯୁବ କେନ୍ଦର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବରେ ସହକାରୀ ପ୍ରଫେସର ନୂତନ ଖମାରୀ ସ୍ୱାମୀ ବିବେକାନନ୍ଦଙ୍କ ଜୀବନରେ ଘଟି ଥିବା ବିଭିନ୍ନ ଘଟଣାବଳୀ ତଥା ଆମ ଭାରତୀୟ ସଂସ୍କୃତି ସମ୍ପର୍କରେ ଜାଣିବାକୁ ହେଲେ ବିବେକାନନ୍ଦଙ୍କୁ ପଢ଼ିବାକୁ ହେବ ବୋଲି କହିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏନ୍.ଏସଏସଯୁବ ରେଡ୍ କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍‌ଙ୍କ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ଫଳକ ପ୍ରଦାନ କରା ଯାଇଥିଲା। ମହାବିଦ୍ୟାଳୟର ମ୍ୟୁଜିକ୍ ବ୍ୟାଣ୍ଡକୁ ଅଧ୍ୟକ୍ଷ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ମଧୁଲିକା ବେହେରା ଏହାକୁ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଶିବ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ରୁପେଶ୍ ପଟେଲ, ସହକାରୀ ପ୍ରଫେସର ଗୁପ୍ତେଶ୍ୱର ଦାସ, ସହକାରୀ ପ୍ରଫେସର ସୁଶାନ୍ତ ଖାଲକୋ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

### ● ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ସମ୍ଭାଗ ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଅଧ୍ୟକ୍ଷତା କରି ସ୍ୱାମିଜୀଙ୍କ ଜୀବନାଦର୍ଶ ତଥା ମାନବଜାତି ପ୍ରତି ତାଙ୍କର ଅନୁପମ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର ପ୍ରଭାରୀ ଅଧ୍ୟାପିକା ଝରଣା ଆଚାର୍ଯ୍ୟ ଯୁବ ଦିବସ ପାଳନର ଇତିବୃତ୍ତି ତଥା ସାମ୍ପ୍ରତିକ ପରିସ୍ଥିତିରେ ଏହାର ପ୍ରାସଙ୍ଗିକତା ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ ଯୁବ ଦିବସ ପାଳନର ଆବଶ୍ୟକତା ଉପରେ ଆଲୋଚନା କରିଥିବା ବେଳେ ସ୍ୱାମୀଜୀଙ୍କ ଜୀବନୋପଯୋଗୀ ପ୍ରଭାବ ସମ୍ପର୍କରେ ଅନେକ ଛାତ୍ରଛାତ୍ରୀ ମତ ପ୍ରକାଶ କରିଥିଲେ।

### ● ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ



ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ ଜିଲ୍ଲା ତରଫରୁ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସ୍ଥାନୀୟଡିଆରଡିଏ ଛକରେ ଥିବା ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ଏଥିରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଭାପତି ଡ.ସଞ୍ଜୀବ ନାୟକ, ସୁନ୍ଦରଗଡ଼ ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧୁରୁଆ, ଜିଲ୍ଲା ପ୍ରମୁଖ ସୁମିତ ନାଏକ, ବିଭାଗ ସଂଯୋଜକ ଗୋପାଳ ନାଏକ, ଜିଲ୍ଲା ସଂଯୋଜକ ବାପୁନ ପସାୟତ, ଜିଲ୍ଲା ସଂଗଠନ ମନ୍ତ୍ରୀ ନାରାୟଣ ବେହେରା, ବିଶାଳ ପଟେଲ, ଯୋଗରାଜ କୋଶଲ ସିଂ, ସୁମନ୍ତ ରୋହିଦାସ, ବନିତା ହେମ୍ବ୍ରମ, ସୁସ୍ମିତା କୁଅଁର, କୃଷ୍ଣା ନାୟକଙ୍କ ସମେତ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

### ■ ବିଦ୍ୟୁତ୍ ସଂସ୍ପର୍ଶରେ ବାଳକ ମୃତ

## କ୍ଷତିପୂରଣ ଦାବିରେ ଶବ ଛାଡୁ ନାହାନ୍ତି ଲୋକେ

ସୁନ୍ଦରଗଡ଼, ୧୨।୧(ସମିସ): ହେମଗିରି ଥାନା ଅନ୍ତର୍ଗତ ଏସିପିଏଲ ୩୩ କେ.ଭି ବଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ମୃତ ନାବାଳକ ଜଣକ ଧୋବ ମହୁଲି ଗ୍ରାମର ନେହାଲ ଓରାମଙ୍କ ପୁଅ ସାହିଲ ଓରାମ (୧୩)ବୋଲି ଜଣା ପଡ଼ିଛି। ଆଜି ତାଙ୍କ ମୃତ ଦେହ ବିଦ୍ୟୁତ ତାରରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ ତାର ଚୋରି ଉଦ୍ୟମ କରୁଥିବା ବେଳେ ଉକ୍ତ ଅଘଟଣ ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ତେବେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ପୁଲିସକୁ ମୃତ ଦେହ ଜବତ କରିବାକୁ ଦେଉ ନାହାନ୍ତି। ଫଳରେ ଏଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ମୃତ ଦେହ ପଡ଼ି ରହିଛି।

## ଜେଲ୍ ଫେରନ୍ତାଙ୍କ ଆତ୍ମହତ୍ୟା

ସୁନ୍ଦରଗଡ଼, ୧୨।୧(ସମିସ): ଭଣ୍ଡା ଥାନା ଅଧୀନ ମଙ୍ଗସପୁର ଆଡ଼କଠା ଗ୍ରାମର ଜଣେ ଜେଲ ଫେରନ୍ତା ଯୁବକ ଏକ ବର ଗଛ ଓହଳରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଗ୍ରାମର ନିରଞ୍ଜନ ମୁଣ୍ଡା କିଛି ବର୍ଷ ଆଗେ ପତ୍ନୀ ହତ୍ୟା ଅଭିଯୋଗରେ ଜେଲ ଯାଇଥିଲେ। ତେବେ ଜେଲରୁ ମୁକୁଳିବା ପରେ ଅନୁତାପରେ ଛଟପଟ ହେଉଥିଲେ। ମାନସିକ ଭାରସାମ୍ୟ ହରାଇ ରବିବାର ସକାଳେ ଗ୍ରାମର ଏକ ବରଗଛ ଓହଳରେ ବେକରେ ଫାଶୀ ଦେଇ ଝୁଲି ପଡ଼ିଥିଲେ। ନିରଞ୍ଜନଙ୍କ ଭାଇ ବନ ମୁଣ୍ଡାଙ୍କ ଅଭିଯୋଗ କ୍ରମେ ପୁଲିସ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ବିଶ୍ୱଜିତ-୧୧ ଚାମ୍ପିଅନ



**କୁତ୍ରା, ୧୨।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦରମହକୁମା କୁତ୍ରା ପତ୍ରାପଡ଼ା ଖେଳ ପଡ଼ିଆଠାରେ ବୁଲ୍-୧୧ କ୍ଲବ୍ ପକ୍ଷରୁ ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ବିଶ୍ୱଜିତ-୧୧ ଚାମ୍ପିଅନ ହୋଇଛି। ବୁଲ୍୧୧ ରନର୍ସଅପ୍ ହୋଇଛି। ଅତିଥି ଭାବେ ପୂର୍ବତନ କ୍ରିକେଟ୍ ଖେଳାଳି ମନିଷ ମିସ୍ତ୍ରୀ, ସୁରେନ ଟପ୍ପୋ, ବିଶେଶ୍ୱର ବରିହା, ରମାକାନ୍ତ ମାଝୀ, କମଳାକାନ୍ତ ବାରିକ ଓ ଦିପକ ମହାନନ୍ଦିଆ ଯୋଗଦେଇ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୨୫ହଜାର ଓ ଟ୍ରଫି ଓ ରନର୍ସଅପ ଦଳକୁ ୧୫ହଜାର ଓ ଟ୍ରଫି ଦିଆଯାଇଥିଲା। ପ୍ରଥମ ସେମିଫାଇନାଲ ବୁଲ୍-୧୧ ଓ ପସରା ଭିତରେ ଅନୁଷ୍ଠିତ ହୋଇଥିବା ବେଳେ ବୁଲ୍-୧୧ ବିଜୟୀ ହୋଇଥିଲା। ଠିକ ସେହିପରି ଦ୍ୱିତୀୟ ସେମିଫାଇନାଲ ବିଶ୍ୱଜିତ-୧୧ ଓ ପଞ୍ଚରା ଭିତରେ ଖେଳ ହୋଇଥିବା ବେଳେ ବିଶ୍ୱଜିତ-୧୧ ବିଜୟୀ ହୋଇଥିଲା। ବୁଲ୍-୧୧ ଓ ବିଶ୍ୱଜିତ-୧୧ ଭିତରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ବୁଲ୍-୧୧ ରନର୍ସଅପ ଓ ବିଶ୍ୱଜିତ-୧୧ ଚମ୍ପିୟାନ ହୋଇଥିଲା। ଖେଳକୁ ସୁରୁଖୁରୁରେ ପରିଚାଳିତ କରିବା ପାଇଁ କ୍ଲବର ରୋହନ ସିଂ, ମନିଷ ମିସ୍ତ୍ରୀ, ସୁନିଲ ବାର୍ଲା, ଆକାଶ ଭଏଁସାଲ, ବାପୁନ୍ ବେହେରା, ତରୁନ ଟପ୍ପୋ, ବିକାଶ କୁଜୁର, ଦେବୁ କୁଜୁର ଏବଂ ଓମଶର୍ମା ସହଯୋଗ କରିଥିଲେ।

## ଟ୍ରକ୍‌କୁ ପଛରୁ ପିଟିଲା ବାଇକ୍, ଆରୋହୀ ମୃତ

ସୁନ୍ଦରଗଡ଼, ୧୨।୧(ସମିସ): ସୁନ୍ଦରଗଡ଼-ଏମ୍‌ସିଏଲ୍ ରାସ୍ତାର ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଟାଙ୍ଗରପାଲି ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଅଞ୍ଚଳର ଅଶୋକ ନାୟକ ଉଜଳପୁରରେ ଭଡ଼ାରେ ରହୁଥିଲେ। ଅଶୋକ ତାଙ୍କ ବାଇକ୍‌ରେ ସୁନ୍ଦରଗଡ଼ରୁ ଉଜଳପୁର ଫେରୁଥିବାବେଳେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ତାଙ୍କ ଆଗରେ ଯାଉଥିବା ଏକ ଟ୍ରକ୍ ହଠାତ ବ୍ରେକ୍ ଦେଇଥିଲା। ଫଳରେ ତାଙ୍କ ବାଇକଟି ଟ୍ରକ୍ ପଛ ପଟେ ପିଟି ହୋଇଥିଲା। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଏ ନେଇ ବିଧିବଦ୍ଧ ଭାବେ ଥାନାରେ ଏତଲା ହୋଇ ନ ଥିବା ପୁଲିସ କହିଛି।

# ରାଜପୁତ କ୍ଷତ୍ରୀୟ ସମାଜର ବାର୍ଷିକ ସମାବେଶ

**ସୁନ୍ଦରଗଡ଼, ୧୨।୧(ସମିସ)**



ସୁନ୍ଦରଗଡ଼ ବିକାଶ ଭବନରେ ରାଜପୁତ କ୍ଷତ୍ରୀୟ ସମାଜର ଚତୁର୍ଥ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରାଲିରେ ଅତିଥିମାନଙ୍କୁ ସୁସଜ୍ଜିତ ଯାନରେ ବସାଇ ରିଜେଣ୍ଟ ମାର୍କେଟ, ରଙ୍ଗାଡିପା, ଷ୍ଟେଟ୍‌ବ୍ୟାଙ୍କ ଛକ, ହସ୍ପିଟାଲ୍ ଛକ, ପଞ୍ଚମୁଖୀ ହନୁମାନ ମନ୍ଦିର, ପୁରୁଣା ବସ୍ ଷ୍ଟାଣ୍ଡ ହୋଇ ବିକାଶ ଭବନରେ ପହଞ୍ଚି ଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜା ରଘୁନାଥ ଶେଖର ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉକ୍ତ ସମାରୋହରେ ଧର୍ମପତ୍ନୀ ବିଜ୍ଞାନୀ ଦେଓଙ୍କ ଉପସ୍ଥିତିରେ ଯଶପୁର ରାଜା ମହାରାଜା କୁମାର ଶ୍ରିମନ୍ତ ବିକ୍ରମାଦିତ୍ୟ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ଓ ସୁନ୍ଦରଗଡ଼ ରାଜା ସମରେନ୍ଦ୍ର ଶେଖର ଦେଓ ସପତ୍ନିକ ଯୋଗ ଦେଇଥିଲେ। କ୍ଷତ୍ରୀୟ ସମାଜର ସଭାପତି ରାଜୁ ଠାକୁର, ସମ୍ପାଦକ ଅନିଲ ସିଂ, ଜଗଦିଶ ପ୍ରତାପ ଦେଓ, ପ୍ରଦୀପ ଶେଖର ଦେଓ, ବିଜୟ କେଶରୀ, ସୌମେନ୍ଦ୍ର ଠାକୁର ପ୍ରମୁଖ କ୍ଷତ୍ରିୟ ସମାଜର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜର ଅନେକ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସମେତ ହାବିଲଦାର କନଷ୍ଟେବଲ ସଂଘର ସମ୍ପାଦକ ମୋହନ ପ୍ରସାଦ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିର ବିକ୍ରମ ସିଂଦେଓ ମଞ୍ଚ ପରାଚାଳନା କରିଥିଲେ।

### ମାଁ ସମଲେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସର୍ଗିପାଲିକୁ ହରାଇ ବନ୍ଧପାଲି ଚାମ୍ପିଅନ୍



**ସୁନ୍ଦରଗଡ଼, ୧୨।୧(ସମିସ):** ସର୍ଗିପାଲି ସ୍ଥିତ ମା' ସମଲେଶ୍ୱରୀ କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ମୋଟ ୧୬ ଟି ଟିମ୍ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବନ୍ଧପାଲି ଏବଂ ସର୍ଗିପାଲି ସମଲେଶ୍ୱରୀ କ୍ଲବ୍ ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବନ୍ଧପାଲି ଚାମ୍ପିଅନ ହୋଇଥିଲା। ବନ୍ଧପାଲି ଟିମ୍‌ର ଖେଳାଳି ଗୁଲଶନ ଚୌଧୁରୀ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଓ ରାମୁ ଧୁଆ ଶ୍ରେଷ୍ଠ ବୋଲର ଘୋଷିତ ହୋଇଥିବା ବେଳେ ସର୍ଗିପାଲି ଦଳର ସୁରଜ ବଘେଲ ମ୍ୟାନ୍ ଅଫ୍ ଦ ସିରିଜ ତଥା ରୋଶନ ପାଣ୍ଡେ ଶ୍ରେଷ୍ଠ ୱିକେଟ୍ କିପର ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥୀ ଭାବେ ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରତାପ ନାରାୟଣ ସିଂହ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ସରପଞ୍ଚ ବୀର କିଶୋର ସିଂହ ଓ ରିତେଶ ସିଂହ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚାମ୍ପିଅନ ଟିମ୍‌କୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ଉପ ବିଜେତା ଦଳଙ୍କୁ ୧୩ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା। ଦୀପକ ପଟେଲ, ବିଶାଲ ନାଏକ, ଜଗା ଓରାମ, ଅରୁଣ ଋକ୍ସା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

